ଟିପ୍ପଣୀ

ଟିପ୍ପଣୀ

# ଏକକ-୬ ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳତା ବିକାଶ

## ସଂରଚନା


୬.୦ ଉପକ୍ରମ

୬.୧ ଶିକ୍ଷଣ ଉଦ୍ଦେଶ୍ୟ

୬.୨ ସୃଜନଶୀଳତାର ଅର୍ଥ ଓ ସ୍ୱରୂପ

୬.୩ ସୃଜନଶୀଳ ଚିନ୍ତନର ସୋପାନ

୬.୩.୧ ସୃଜନଶୀଳତାକୁ ପ୍ରଭାବିତ କରୁଥିବା କାରକ

୬.୪ ସୃଜନଶୀଳତାର ବିକାଶ ନିମନ୍ତେ ପାଠ୍ୟକ୍ରମ ଓ ସହପାଠ୍ୟକ୍ରମ ଭିତ୍ତିକ ଉପାୟମାନ

୬.୪.୧ ମସ୍ତିଷ୍କ ଝଡ

୬.୪.୨ ଶୁଣାତ୍ମକ ସୂଚୀ ଓ ପରିବର୍ତ୍ତନ

୬.୪.୩ ଶିକ୍ଷଣ ସାମଗ୍ରୀର ବ୍ୟବହାର

୬.୪.୪ କିଛି ନୂତନ ଧାରଣା

୬.୪.୫ ପ୍ରଶ୍ନ ମାଧ୍ୟମରେ ଆତ୍ମ ପ୍ରକାଶର ସୁବିଧା

୬.୪.୬ ନୂତନ କାର୍ଯ୍ୟକ୍ରମର ବ୍ୟବସ୍ଥା

୬.୫ ସୃଜନଶୀଳତାର ବିକାଶ ନିମନ୍ତେ ଶିକ୍ଷଣ ଉପକରଣ ପ୍ରସ୍ତୁତି

୬.୬ ସୃଜନଶୀଳତାର ବିକାଶ ନିମନ୍ତେ ସୂଚନା ଓ ପ୍ରସାରଣ ପ୍ରଯୁକ୍ତ ବିଦ୍ୟାର ଭୂମିକା

୬.୭ ସୃଜନଶୀଳତାର ମୂଲ୍ୟ ନିର୍ଦ୍ଧାରଣ

୬.୮ ସାରାଂଶ

୬.୯ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୬.୧୦ ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ

୬.୧୧ ପାଠାନ୍ତ ପ୍ରଶ୍ନାବଳୀ


### ୬.୦ ଉପକ୍ରମ

ପୂର୍ବ ଏକକରେ ଆମ୍ଭେମାନେ 'ଆତ୍ମବୋଧ' ଏହାର ଅର୍ଥ ଏବଂ ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କରିଅଛୁ । ଏହି ଏକକରେ ସୃଜନଶୀଳତା, ଏହାର ପ୍ରକୃତି ଏବଂ ଏହା କିପରି ଶିଶୁ ମାନଙ୍କ ମଧ୍ୟରେ ବିକାଶ କରାଯାଇପାରିବ ସେ ସମ୍ବନ୍ଧରେ ଜାଣିବା । ସୃଜନଶୀଳତା 'ଆତ୍ମବୋଧ' ସହିତ ଅଧିକ ମାତ୍ରାରେ ସଂପର୍କିତ । ତୁମେମାନେ ଅନେକ କ୍ଷେତ୍ରରେ ସୃଜନଶୀଳତା ଶବ୍ଦକୁ ଶୁଣିଥିବ ଏବଂ ତା'ର ବ୍ୟବହାର ମଧ୍ୟ କରିଥିବ ।

ସୃଜନଶୀଳତା ପତ୍ୟେକ ଶିଶୁମଧ୍ୟରେ ବିଭିନ୍ନ ରୂପରେ ଏବଂ ବିଭିନ୍ନ ମାତ୍ରାରେ ଦେଖାଯାଏ । ଶିଶୁମାନେ ନିଜକୁ ବିଭିନ୍ନ ସମୟରେ ନୂତନ ଓ ଅସାଧାରଣ ଭାବରେ ପରିପ୍ରକାଶ କରିଥାନ୍ତି । ଯାହାକି ପରସ୍ପରଠାରୁ ଭିନ୍ନ ହୋଇଥାଏ । ତେଣୁ ଶିଶୁମାନଙ୍କର ସେହି ନୂତନ ଓ ଅସାଧାରଣ ପ୍ରତିଭାକୁ ଚିହ୍ନଟ କରିବା ଏବଂ ସେଗୁଡିକର ବିକାଶ କରି ସମାଜର ବିକାଶ ଦିଗରେ ସାହାଯ୍ୟ କରିବା ଉଚିତ୍ ।

ସାମଜ ସେଥିରେ ବସବାସ କରୁଥିବା ବ୍ୟକ୍ତିମାନଙ୍କର ସୃଜନଶୀଳତା ଉପରେ ସମାଜର ବିକାଶ ନିର୍ଭର କରେ । କାରଣ ସମାଜର ବିଭିନ୍ନ ଆବିଷ୍କାର ଓ ଉଦ୍ଭାବନ ବ୍ୟକ୍ତିର ସୃଜନଶୀଳତା ଦ୍ୱାରା ହିଁ ସମ୍ଭବ

ଟିପ୍ପଣୀ

ହୋଇଥାଏ । ବୈଜ୍ଞାନିକ, କବି ତଥା ଅନ୍ୟାନ୍ୟ ମହାନ୍ ମହାପୁରୁଷ ମାନଙ୍କର ସମାଜକୁ ଅବଦାନ ସେମାନଙ୍କର ସୃଜନଶୀଳତାର ଜ୍ୱଳନ୍ତ ନିଦର୍ଶନ । ଏହି ଏକକରେ ଆମ୍ଭେମାନେ ସୃଜନଶୀଳତା ବିଷୟରେ ଅଧିକ ଜାଣିବା ଏବଂ ଶିଶୁ ମାନଙ୍କ ମଧ୍ୟରେ କିପରି ସୃଜନଶୀଳତାର ବିକାଶ କରାଯାଇପାରିବ ସେ ସମ୍ବନ୍ଧରେ ଅବଗତ ହେବା ।

## ୬.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପଢିସାରିବା ପରେ, ତୁମେ:

- ସୃଜନଶୀଳ ବ୍ୟକ୍ତିର ଲକ୍ଷଣ ଚିହ୍ନଟ କରିପାରିବ ।
- ଶିକ୍ଷାର୍ଥୀମାନଙ୍କ ମଧ୍ୟର ବିଭିନ୍ନ ପ୍ରକାରର ସୃଜନଶୀଳତା ଚିହ୍ନଟ କରିପାରିବ ।
- ଅଧିକ ସୃଜନଶୀଳ ଏବଂ କମ୍ ସୃଜନଶୀଳ ବ୍ୟକ୍ତିମାନଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇପାରିବ ।
- ସୃଜନଶୀଳତାକୁ ପ୍ରଭାବିତ କରୁଥିବା କାରକ ଗୁଡିକୁ ଚିହ୍ନଟ କରିପାରିବ ।
- ସୃଜନଶୀଳତାର ବିକାଶରେ ସହାୟକ କାର୍ଯ୍ୟାବଳୀ ତାଲିକା ପ୍ରସ୍ତୁତ କରିପାରିବ ।
- ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରକାର କାର୍ଯ୍ୟାବଳୀ ସଂଗଠନ କରିବାର କୌଶଳ ଶିକ୍ଷା କରିପାରିବ ।
- ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତାର ବିକାଶ ନିମନ୍ତେ କାର୍ଯ୍ୟକଳାପର ବିକାଶ କରିପାରିବ ।

## ୬.୨ ସୃଜନଶୀଳତାର ଧାରଣା ଓ ସ୍ୱରୂପ

ପ୍ରକୃତରେ ସୃଜନଶୀଳତା ଯେ କୌଣସି କ୍ଷେତ୍ରରେ ବ୍ୟକ୍ତିର ଶ୍ରେଷ୍ଠ ମାନସିକ କ୍ରିୟା ଯାହା ଦ୍ୱାରା ନୂତନ ପରିଦୃଷ୍ଟି, ଅଭିନବ ଚିନ୍ତାଧାରା ତଥା ମୌଳିକ ସୃଷ୍ଟି ସମ୍ଭବ ହୋଇଥାଏ । ସୃଜନଶୀଳତାର ମୁଖ୍ୟ ବୈଶିଷ୍ଟ୍ୟ ହିଁ ଆଂଶିକ ବା ସଂପୂର୍ଣ୍ଣ ନୂତନତ୍ୱ ବା ଅଭିନବତ୍ୱ ଅଟେ । ଅନ୍ୟ ପ୍ରକାରରେ କହିବାକୁ ଗଲେ ସୃଜନଶୀଳତା ସଂପୂର୍ଣ୍ଣ ବା ଆଂଶିକ ନୂତନ ଫଳକୁ ବୁଝାଇଥାଏ, ଯାହାର ଅସ୍ତିତ୍ୱ ପୂର୍ବରୁ ନଥାଏ । ସୃଜନଶୀଳତା ବ୍ୟକ୍ତି ବିଶେଷର ଚିନ୍ତନ ପ୍ରକ୍ରିୟାକୁ ଜନ୍ମ ଦେଇଥାଏ । ବ୍ୟକ୍ତିର ମାନସିକ ବିକାଶକୁ ସାଧାରଣତଃ ବୈକ୍ତିକ ଚିନ୍ତନ ବା ଏକାଭିମୁଖୀ ଚିନ୍ତନ ଏବଂ ସୃଜନାତ୍ମକ ଚିନ୍ତନ ବା ବିଭିନ୍ନାମୁଖୀ ଚିନ୍ତନ ରୂପେ ଗ୍ରହଣ କରାଯାଇଥାଏ । ସାଧାରଣତଃ ସୀମିତ ସମୟ ମଧ୍ୟରେ ଯେ କୌଣସି ସମସ୍ୟାର ସମାଧାନ କେବଳ ବୈଷିକ ଚିନ୍ତନ ଦ୍ୱାରା ସମ୍ଭବ ହୋଇଥାଏ । ପରନ୍ତୁ ସୃଜନାତ୍ମକ ଚିନ୍ତନ ସହାୟତାରେ ଶିଶୁ ବା ବ୍ୟକ୍ତି ସମସ୍ୟାର ସମାଧାନ କରିବାକୁ ତାର କଳ୍ପନା ଶକ୍ତି ତଥା ମୌଳିକ ମୁକ୍ତ ଚିନ୍ତନର ପ୍ରୟୋଗ କରି ଏକାଧିକ ସମ୍ଭାବ୍ୟ ଉତ୍ତର ଦେବାରେ ସକ୍ଷମ ହୋଇଥାଏ । ଏହି ସମସ୍ୟାର ସମାଧାନ କ୍ଷେତ୍ରରେ ବ୍ୟକ୍ତିର ସୃଜନଶୀଳତା ହିଁ ବ୍ୟକ୍ତିର ପୁରାତନ ଅଭିଜ୍ଞତାର ଭିତ୍ତି ଉପରେ ପର୍ଯ୍ୟବେସିତ ହୋଇଥାଏ । ତେବେ ଏଥିରେ ସମସ୍ୟା ସମାଧାନରେ ନୂତନତ୍ୱ ଓ ନୂତନ ପଦ୍ଧତିରେ ପ୍ରୟୋଗ ନିହିତ ହୋଇଥାଏ । ସାଧାରଣତଃ ସୃଜନଶୀଳତା ହିଁ ରଚନାତ୍ମକ, କଳାତ୍ମକ ଓ ବୈଜ୍ଞାନିକ ଉତ୍କର୍ଷତା ଆଦି ଭାବରେ ପରିପ୍ରକାଶ ହୋଇଥାଏ ।

ଟରେସନ୍‌ଙ୍କ ମତରେ ସୃଜନଶୀଳତା ହେଉଛି ଏପରି ଏକ ପ୍ରକ୍ରିୟା ଯେଉଁଥିରେ ସମସ୍ୟା ପ୍ରତି ପ୍ରତିକ୍ରିୟା, ଦୋଷତ୍ରୁଟି, ଜ୍ଞାନର ବ୍ୟବଧାନ, ବିଲୁପ୍ତ ଉପାଦାନ ଅସଂହତି ଇତ୍ୟାଦି ସହିତ ଜଟିଳତା ନିର୍ଣ୍ଣୟ, ସମ୍ଭାବ୍ୟ ସିଦ୍ଧାନ୍ତର କଳ୍ପନା, ସମ୍ଭାବ୍ୟ ପରିବର୍ତ୍ତନ ଓ ସେଗୁଡିକ ପୁନଃ ପରୀକ୍ଷଣ

ଟିପ୍ପଣୀ

ଓ ପରିଶେଷରେ ଫଳାଫଳ ପ୍ରଦାନ କରାଯାଇଥାଏ । ସୃଜନଶୀଳତାର ଅର୍ଥ ଓ ସଂଜ୍ଞାକୁ ଆଲୋଚନା କଲେ ଏହାର ପ୍ରକୃତି ସମ୍ବନ୍ଧରେ ଯେଉଁ ସୂଚନା ମିଳେ ତାହା ଏଠାରେ ଉଲ୍ଲେଖ କରାଗଲା ।

୧. ସୃଜନଶୀଳତା ବ୍ୟକ୍ତିର ଏକ ମାନସିକ ପ୍ରକ୍ରିୟା ଯାହାକି ସୃଜନାତ୍ମକ ଚିନ୍ତନ ବା ବିଭିନ୍ନମୁଖୀ ଚିନ୍ତନ ଦ୍ୱାରା ପରିଚାଳିତ ହୋଇଥାଏ ।

୨. ସୃଜନଶୀଳତା ବ୍ୟକ୍ତିର ମୌଳିକତା ନୂତନତା ଓ ଅନ୍ୟତମ ଆଦି ନିର୍ଦ୍ଦିଷ୍ଟ ଗୁଣ ବା ଦକ୍ଷତାର ସମ୍ମିଶ୍ରଣ ଦ୍ୱାରା ପ୍ରକାଶ ପାଇଥାଏ ।

୩. ଏପରିକି ସୃଜନଶୀଳତା ବ୍ୟକ୍ତିର ବାକ୍‌ପଟୁତା ନମନୀୟତା, ବିସ୍ତାର, ସମସ୍ୟା ପ୍ରତି ସମ୍ବେଦନଶୀଳତା ଏବଂ ନୂତନ ଅଭିଜ୍ଞତା ପ୍ରତି ଆଗ୍ରହ ଆଦି ଭଳି ପ୍ରତ୍ୟେକ ଦକ୍ଷତା ମିଶ୍ରଣ ଦ୍ୱାରା ପ୍ରକାଶ ପାଇଥାଏ ।

୪. ସୃଜନଶୀଳତା ସାର୍ବଜନୀନ ହୋଇଥିବା ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ଊଣା ଅଧିକେ ଭିନ୍ନ ଭିନ୍ନ ହୋଇଥାଏ ।

୫. ସୃଜନଶୀଳତା ବ୍ୟକ୍ତିଗତ ପାର୍ଥକ୍ୟ ଦୃଷ୍ଟିକୋଣରୁ ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ଊଣା ଅଧିକେ ଭିନ୍ନ ଭିନ୍ନ ହୋଇଥାଏ ।

୬. ବିଭିନ୍ନମୁଖୀ ଚିନ୍ତନ ହିଁ ସୃଜନଶୀଳତାର ଏକ ସ୍ୱରୂପ ଅଟେ ।

୭. ରୂପାନ୍ତରକରଣ ମୂଳକ ଶକ୍ତି ହିଁ ସୃଜନଶୀଳତାର ଅନ୍ୟ ଏକ ସ୍ୱରୂପ ଅଟେ ।

୮. ସୃଜନଶୀଳତାର ପରିସର ଅତ୍ୟନ୍ତ ବ୍ୟାପକ ଯାହାକି ନୃତ୍ୟ, ସଙ୍ଗୀତ, ଅଭିନୟ, ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ସାମାଜିକ, ରାଜନୈତିକ, ସାଂସ୍କୃତିକ, କଳା ଓ ସ୍ଥାପତ୍ୟ ଏପରିକି ଆର୍ଥିକ ଭାବଧାରା ଭଳି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାକୁ ଅନ୍ତର୍ଭୁକ୍ତ କରିଥାଏ ।

୯. ସୃଜନଶୀଳତା ହେତୁ ବ୍ୟକ୍ତିର ଆତ୍ମପ୍ରତ୍ୟୟ ଭାବ ବୃଦ୍ଧିପାଇଥାଏ ।

୧୦. ଶିକ୍ଷା ଓ ପ୍ରଶିକ୍ଷଣ ସୃଜନଶୀଳତାର ବିକାଶରେ ସହାୟକ ହୋଇଥାଏ ।

**ସୃଜନଶୀଳତାର ପ୍ରକାରଭେଦ :**

ସାଧାରଣଭାବରେ ସୃଜନଶୀଳତାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯଥା - (୧) ବାଚନିକ ସୃଜନଶୀଳତା ଓ (୨) ଅବାଚନିକ ସୃଜନଶୀଳତା ।

**୧. ବାଚନିକ ସୃଜନଶୀଳତା:**

ବାଚନିକ ସୃଜନଶୀଳତା ପରିପ୍ରକାଶ ପାଇଁ ମୁଖ୍ୟତଃ ଜଣଙ୍କର ଶବ୍ଦ ବା ଭାଷା ଉପରେ ଗୁରୁତ୍ୱ ଦିଆଯାଇଥାଏ । ଉଦାହରଣ ସ୍ୱରୂପ - ଗୀତ ଗାଇବା, ବକ୍ତୃତା ଦେବା ଇତ୍ୟାଦି କାର୍ଯ୍ୟ ଗୁଡିକ ବାଚନିକ ସୃଜନଶୀଳତାକୁ ବୁଝାଏ ।

**୨. ଅବାଚନିକ ସୃଜନଶୀଳତା :**

ଏହି ପ୍ରକାର ସୃଜନଶୀଳତାର ପରିପ୍ରକାଶ ପାଇଁ ସଙ୍କେତ, ଚିତ୍ର ଓ ଠାର ଉପରେ ନିର୍ଭର କରିବାକୁ ପଡିଥାଏ । ଉଦାହରଣ ସ୍ୱରୂପ - ଅଭିନୟ କରିବା, ଚିତ୍ର ଆଙ୍କିବା, ମୂର୍ତ୍ତି ଗଢିବା ଇତ୍ୟାଦି ।

ଟିପ୍ପଣୀ

### ନିଜ ଅଗ୍ରଗତି ଆକଳନ - ୧

୧. ଭେନ୍‌ଲାକ୍ ନାମଟି ଦୁଇଟି ନାମ ଯଥା ଭେଙ୍କଟେଶ୍ୱର ଓ ଲକ୍ଷ୍ମୀ ନାମର ସମ୍ମିଶ୍ରଣରେ ହୋଇଛି । ଏହା ନିମ୍ନଲିଖିତ ମଧ୍ୟରୁ କେଉଁ ସୃଜନଶୀଳତାର ଉଦାହରଣ :

(କ) ବାଚନିକ ସୃଜନଶୀଳତା (ଖ) ଅବାଚନିକ ସୃଜନଶୀଳତା

(ଗ) ତାତ୍ତ୍ୱିକ ସୃଜନଶୀଳତା (ଘ) ବ୍ୟାବହାରିକ ସୃଜନଶୀଳତା

୨. ସୃଜନଶୀଳତାର ବିପରୀତ ଶବ୍ଦଟି କ'ଣ ?

(କ) ମନେପକାଇବା (ଖ) ସ୍ୱୀକୃତି ଦେବା

(ଗ) ପନରାବୃତ୍ତି (ଘ) ଅନୁକରଣ

୩. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ କେଉଁଟି ସୃଜନଶୀଳତା ସହିତ ସଂପର୍କିତ ?

(କ) ଆଦେଶାନୁବର୍ତ୍ତିତା (ଖ) କୁହାଳିଆ

(ଗ) ମୌଳିକତା (ଘ) ଆବେଗ ପ୍ରବଣତା

## ୬.୩ ସୃଜନଶୀଳ ଚିନ୍ତନର ସୋପାନ

ସୃଜନଶୀଳ ଚିନ୍ତନ ପ୍ରକ୍ରିୟା ଯେଉଁ କେତେକ ପର୍ଯ୍ୟାୟ ବା ସୋପାନ ଦେଇ ଗତି କରିଥାଏ ତାହା ଏଠାରେ ଉପସ୍ଥାପନ କରାଗଲା ।

କ) **ପ୍ରସ୍ତୁତି (Preparation)** : ସୃଜନଶୀଳ ଚିନ୍ତନ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ହିଁ ପ୍ରସ୍ତୁତି ଅଟେ । ଏହି ସୋପାନରେ ବ୍ୟକ୍ତି ଯେ କୌଣସି ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ ଆବଶ୍ୟକୀୟ ଉଦ୍ୟମଗୁଡ଼ିକ ଗ୍ରହଣ କରିଥାଏ । ଏହି ସୋପାନରେ ବ୍ୟକ୍ତି ସମସ୍ୟାଟିକୁ ଭଲ ଭାବେ ଜାଣିବା ନିମନ୍ତେ ଅଧ୍ୟୟନ, ଅନ୍ୟସହ ଏହାର ଆଲୋଚନା, ଜ୍ଞାନ ତଥା ଅଭିଜ୍ଞତାର ଏକତ୍ରୀକରଣ ତଥା ଆତ୍ମୀକରଣ ପ୍ରଭୃତି ଆବଶ୍ୟକୀୟ ଉପାଦାନର ପ୍ରସ୍ତୁତି କରିଥାଏ । ଏହି ପର୍ଯ୍ୟାୟରେ ବ୍ୟକ୍ତି ସମସ୍ୟାର ବିଭିନ୍ନ ଦିଗଗୁଡ଼ିକ ସମ୍ବନ୍ଧରେ ଅଧିକ ଧାରଣା ତଥା ଜ୍ଞାନ ଅର୍ଜନ ପାଇଁ ପ୍ରୟାସୀ ହୋଇଥାଏ ଯଦ୍ୱାରା ସୃଜନାତ୍ମକ ଚିନ୍ତାର ବିକାଶ ସାଧିତ ହୋଇଥାଏ ।

ଖ) **ଏକାଗ୍ରତା (Concentration)** : ଏହି ସୋପାନରେ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ହାସଲ କରିବା ପାଇଁ ମାନସିକ ସ୍ତରରେ ଏକାଗ୍ରତା ଆଣିଥାଏ । ଅନ୍ୟ ଅର୍ଥରେ କହିବାକୁ ଗଲେ ଏହି ସୋପାନରେ ବ୍ୟକ୍ତି ଯେ କୌଣସି ନୂତନ ଜ୍ଞାନ ବା ନୂତନ ଅଭିଜ୍ଞତା ଅର୍ଜନ କରିବାକୁ ପ୍ରୟାସ ନକରି ଧୀରସ୍ଥିର ଭାବେ ପୂର୍ବାର୍ଜିତ ଜ୍ଞାନ ଓ ଅଭିଜ୍ଞତା ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ନିମନ୍ତେ ପ୍ରଚେଷ୍ଟା ଚଳାଏ ।

ଗ) **ଅନ୍ତଃପ୍ରେରଣା (Incubation)** : ଅନ୍ତଃପ୍ରେରଣା ହିଁ ସୃଜନଶୀଳ ଚିନ୍ତନ ପ୍ରକ୍ରିୟା ତୃତୀୟ ସୋପାନ ଅଟେ । ଏହି ସୋପାନରେ ବ୍ୟକ୍ତିର ମନ ମଧ୍ୟରେ ସୃଜନାତ୍ମକ କଳ୍ପନାର ନିର୍ଦ୍ଦିଷ୍ଟ ରୂପରେଖ ଗଠିତ ହୋଇଥାଏ । ବ୍ୟକ୍ତିର ଅଭିଜ୍ଞତା ଦ୍ୱାରା ନିର୍ଦ୍ଦିଷ୍ଟ ସୃଜନାତ୍ମକ କ୍ରିୟା ପାଇଁ ବ୍ୟକ୍ତିର ଅର୍ଜିତ ଜ୍ଞାନ ସମୂହର ଯଥାର୍ଥ ଭାବେ ପୁନର୍ଗଠନ କରିବା ଓ ସୃଜନାତ୍ମକ କ୍ରିୟାରେ

ଟିପ୍ପଣୀ

ଅଗ୍ରଗତି କରିବା ହିଁ ଏହି ସୋପାନର ବିଶେଷତ୍ୱ ଅଟେ ।

ଘ) **ଉଦ୍ଭାସନ (Flash)** : ଏହି ସୋପାନରେ ବ୍ୟକ୍ତି ଅନ୍ତର୍ଦୃଷ୍ଟି ମାଧ୍ୟମରେ ନୂତନ ସୂତ୍ର ବା ଉପାୟକୁ ଉଦ୍ଭାବନ କରିବା ସହିତ ତାର ସମସ୍ତ ଶ୍ରମ ସାର୍ଥକ ହେଲା ବୋଲି ଉପଲବ୍ଧି କରିଥାଏ । ଏହି ସୋପାନରେ ବ୍ୟକ୍ତି ମନରେ ସମସ୍ୟା ସମାଧାନର ପଥ ତଥା ସୂତ୍ର ବିଦ୍ୟୁତ୍ ସ୍ଫୁରଣ ସଦୃଶ ଉଦ୍ଭାସିତ ହୋଇଥାଏ । ତେବେ ଏହି ଶୁଭ ସମୟ ଭାବନା ପୂର୍ବର ପ୍ରେରଣା ବା କଳ୍ପନାର ଜାଗରଣ ହେତୁ ସମ୍ଭବ ହୋଇଥାଏ ବୋଲି କୁହାଯାଇପାରେ ।

ଙ) **ସମୀକ୍ଷଣ (Verification)** : ସମୀକ୍ଷଣ ସୃଜନଶୀଳ ଚିନ୍ତନ ପ୍ରକ୍ରିୟାର ଅନ୍ତିମ ସୋପାନ ଅଟେ । ଏହି ସମୀକ୍ଷଣ ସୋପାନରେ ବ୍ୟକ୍ତି ସୃଜନାତ୍ମକ କ୍ରିୟାଗୁଡିକୁ ବିଶ୍ଲେଷଣ କରିବା ସହିତ ସମାଧାନଟି ଠିକ୍ କି ଭୂଲ୍ ତାହା ସମୀକ୍ଷା କରିଥାଏ । ବ୍ୟକ୍ତି ଏଠାରେ ଭୁଲ୍ ଓ ଠିକ୍‌ର ସତ୍ୟତା ନିରୂପଣ କରିବା ସହିତ ସମାଧାନଟି ଭୁଲ୍ ହୋଇଥିଲେ ଠିକ୍ କରିବା ପାଇଁ ପୁନଶ୍ଚ ଚେଷ୍ଟା କରିଥାଏ । ଏହା ଅନ୍ତିମ ପର୍ଯ୍ୟାୟ ହେଲେ ମଧ୍ୟ ଏହା ଏକ ସଫଳତାର ସୋପାନ ଅଟେ ।

## ୬.୩.୧ ସୃଜନଶୀଳତାକୁ ପ୍ରଭାବିତ କରୁଥିବା କାରକ :

ଜଣେ ବ୍ୟକ୍ତି ପାଖରେ ସୃଜନଶୀଳତା ଗୁଣ ବିଭିନ୍ନ କାରକ ଦ୍ୱାରା ପ୍ରଭାବିତ ହୋଇଥାଏ । ତନ୍ମଧ୍ୟରୁ କେତୋଟି ମୁଖ୍ୟ କାରକଗୁଡିକୁ ନିମ୍ନରେ ଆଲୋଚନା କରାଗଲା ।

୧) **ବଂଶାନୁକ୍ରମ (Heredity)** : ସୃଜନଶୀଳତା ଏକ ଜନ୍ମଗତ ଗୁଣ ହୋଇଥିବାରୁ ଏହା ବଂଶାନୁକ୍ରମ ଦ୍ୱାରା ଅଧିକ ମାତ୍ରାରେ ପ୍ରଭାବିତ ହୋଇଥାଏ । ଉଦାହରଣ ସ୍ୱରୂପ - ସୃଜନଶୀଳ ଦମ୍ପତିମାନେ ସୃଜନଶୀଳ ସନ୍ତାନ ସନ୍ତତି ଜନ୍ମ କରୁଥିଲାବେଳେ ସାଧାରଣ ବ୍ୟକ୍ତିମାନେ ସାଧାରଣ ସନ୍ତାନ ସନ୍ତତି ଜନ୍ମ କରିଥାନ୍ତି ।

୨) **ପରିବେଶ (Environment)** : ପିଲାମାନଙ୍କର ପାରିବାରିକ ବିଦ୍ୟାଳୟ ତଥା ସାମାଜିକ ପରିବେଶ ଯଦି ଅନୁକୂଳ ଥାଏ, ତେବେ ତାହା ସୃଜନଶୀଳତା ବିକାଶ ଦିଗରେ ସହାୟକ ହୋଇଥାଏ । ଅପରପକ୍ଷେ, ଯଦି ପରିବେଶ ନକରାତ୍ମକ ହୁଏ, ତେବେ ପିଲାମାନଙ୍କର ଚିନ୍ତାଧାରା ବାଧାପ୍ରାପ୍ତ ହୋଇଥାଏ ।

ଏତଦ୍‌ଭିନ୍ନ ମନସ୍ତତ୍ତ୍ୱବିତ୍‌ମାନେ ମୁଖ୍ୟତଃ ଚାରୋଟି କାରକ ସଂପର୍କରେ ମତ ଦେଇଅଛନ୍ତି । ଏହି କାରକଗୁଡିକୁ 4P'S ବୋଲି କୁହାଯାଏ । ଏଗୁଡିକ ହେଲା : (କ) **(Creative product approach)** ସୃଜନଶୀଳତା ଆଧାରରେ ଉତ୍ପାଦିତ ବସ୍ତୁର ମୂଲ୍ୟାୟନ, (ଖ) **(Creative procesesapproach)** ସୃଜନଶୀଳ ପ୍ରକ୍ରିୟା (ଗ) **(Creative person approach)** ସୃଜନଶୀଳ ବ୍ୟକ୍ତିତ୍ୱ ଓ (ଘ) ସୃଜନଶୀଳ ପରିସ୍ଥିତି **(Creative situational approach)**

(କ) ସୃଜନଶୀଳତା ଆଧାରରେ ଉତ୍ପାଦିତ ବସ୍ତୁର ମୂଲ୍ୟାୟନ :

ମୂଲ୍ୟାୟନ ହେଉଛି ଏକ ଆତ୍ମନିଷ୍ଠ ପ୍ରକ୍ରିୟା । ଉତ୍ପାଦିତ ବସ୍ତୁର ମୂଲ୍ୟାୟନ କରିବା ପାଇଁ ଏକ ଉତ୍ତମ ମୂଲ୍ୟାୟନ ମାନଦଣ୍ଡର ଆବଶ୍ୟକତା ଅଛି । ଏହି ମୂଲ୍ୟାୟନ ମାନଦଣ୍ଡ ସୃଜନଶୀଳତାକୁ ପ୍ରଭାବିତ କରିଥାଏ ।



ଟିପ୍ପଣୀ

(ଖ) ସୃଜନଶୀଳ ପ୍ରକ୍ରିୟା : ସୃଜନଶୀଳତାର ବିକାଶ କରିବା ପାଇଁ ଯେଉଁ ପାଞ୍ଚଗୋଟି ସୋପାନ ସମ୍ବନ୍ଧରେ ଆଲୋଚନା କରାଯାଇଛି, ସେହି ଉପାଦାନଗୁଡ଼ିକୁ ଉପଯୁକ୍ତ ଭାବରେ ଧ୍ୟାନ ନଦେଲେ, ଏହା ସୃଜନଶୀଳତାର ବିକାଶକୁ ପ୍ରଭାବିତ କରିଥାଏ ।

(ଗ) ସୃଜନଶୀଳ ବ୍ୟକ୍ତିତ୍ୱ : ଜଣେ ସୃଜନଶୀଳ ବ୍ୟକ୍ତିର କେତେଗୁଡ଼ିଏ ବୈଶିଷ୍ଟ୍ୟ ଥାଏ । ଶିଶୁ ଜୀବନର ବିଭିନ୍ନ ପଯ୍ୟାୟ ଯଥା - ଶୈଶବାବସ୍ଥା, ବାଲ୍ୟାବସ୍ଥା, କୈଶୋରାବସ୍ଥା, ଯୌବନା ଇତ୍ୟାଦି । ବିଭିନ୍ନ ପର୍ଯ୍ୟାୟରେ ଜଣେ ବ୍ୟକ୍ତି ବିଭିନ୍ନ ପ୍ରକାରର ସୃଜନଶୀଳ କାର୍ଯ୍ୟରେ ନିୟୋଜିତ ହୋଇଥାଏ । ଯଦି କୌଣସି ପର୍ଯ୍ୟାୟ ତା'ର ସୃଜନଶୀଳ ସୃଷ୍ଟିରେ ବାଧା ସୃଷ୍ଟି କରେ, ତେବେ ଏହା ଦ୍ୱାରା ବ୍ୟକ୍ତିର ସୃଜନଶୀଳତା ପ୍ରଭାବିତ ହୋଇଥାଏ ।

ନିଜ ଅଗ୍ରଗତି ଆକଳନ - ୨

୧. ସୃଜନଶୀଳତାକୁ ଅଧ୍ୟୟନ କରିବା ପାଇଁ ଆମେ କେଉଁ ଉପାୟର ସାହାଯ୍ୟ ନେଇଥାନ୍ତି ?

(କ) 4P' ଉପାୟ (ଖ) 4B ଉପାୟ

(ଗ) 4A ଉପାୟ (ଘ) 4C ଉପାୟ

୨. ସୃଜନଶୀଳ ଚିନ୍ତନର ବିକାଶ ପାଇଁ ...................ଟି ସୋପାନ ଅଛି ।

(କ) ୪ଟି (ଖ) ୫ଟି (ଗ) ୩ଟି (ଘ) ୨ଟି

୩. ଏକାଭିମୁଖୀ ଚିନ୍ତନ କେଉଁଥିରେ ପ୍ରତିଫଳିତ ହୋଇଥାଏ ?

(କ) ବିଦ୍ୟାଳୟ (ଖ) ରଚନା (ଗ) ଗୃହକର୍ମ (ଘ) ଜ୍ୟାମିତି

୪. ଯଦି ଜଣେ ଛାତ୍ର ତା'ର ପିତାମାତାଙ୍କ ସହ ପ୍ରତି ତିନି ବର୍ଷରେ ଥରେ ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ସ୍ଥାନାନ୍ତରିତ ହୁଏ, ତେବେ ତା'ର କେଉଁ ବିକାଶ ସାଧିତ ହେବ ?

(କ) ବୁଦ୍ଧି (ଖ) ଭାବନାତ୍ମକ ଚିନ୍ତନ (ଗ) ସୃଜନଶୀଳତା (ଘ) ତର୍କସଂଗତ ଚିନ୍ତନ

## ୬.୪ ସୃଜନଶୀଳତାର ବିକାଶ ନିମନ୍ତେ ପାଠ୍ୟକ୍ରମ ଓ ସହପାଠ୍ୟକ୍ରମ ଭିତ୍ତିକ ଉପାୟମାନ

ଯେଉଁ କାର୍ଯ୍ୟକ୍ରମଗୁଡ଼ିକ ବିଦ୍ୟାଳୟ ପରିସର ଭିତରେ ପୁସ୍ତକ ମାଧ୍ୟମରେ କରାଯାଇଥାଏ, ତାହାକୁ ପାଠ୍ୟକ୍ରମ ଭିତ୍ତିକ କାର୍ଯ୍ୟକ୍ରମ କୁହାଯାଏ । ଉଦାହରଣ ସ୍ୱରୂପ - ଇତିହାସ, ଭୂଗୋଳ, ଗଣିତ ଇତ୍ୟାଦି ବିଷୟ ଦ୍ୱାରା ସୃଜନଶୀଳତାର ବିକାଶ । ସେହିପରି ଭାବରେ ଯେଉଁ କାର୍ଯ୍ୟକ୍ରମ ବିଷୟ ଭିତ୍ତିକ ନୁହେଁ, ଯଥା - ଖେଳ, ନାଚ, ଗୀତ ଇତ୍ୟାଦିକୁ ସହ ପାଠ୍ୟକ୍ରମ କାର୍ଯ୍ୟକ୍ରମ ବୋଲି କୁହାଯାଏ । ନିମ୍ନରେ କେତେକ ପାଠ୍ୟକ୍ରମ ଓ ସହପାଠ୍ୟକ୍ରମ ଭିତ୍ତିକ କାର୍ଯ୍ୟକ୍ରମ ଯାହା ସୃଜନଶୀଳତା ବିକାଶରେ ସହାୟକ ହୋଇଥାଏ, ତାହା ଆଲୋଚନା କରାଯାଇଛି ।

### ୬.୪.୧ ମସ୍ତିଷ୍କ ଝଡ (Brain Storming) :

ମସ୍ତିଷ୍କ ଝଡ ହେଉଛି ସୃଜନଶୀଳତାର ବିକାଶ ନିମନ୍ତେ ଏକ ଉପାଦେୟ ଓ ଅନୁସରଣୀୟ ଶିକ୍ଷାଦାନ ପଦ୍ଧତି ଯାହାକି ୧୯୫୭ ମସିହାରେ ଅସ୍‌ବର୍ଣ୍ଣଙ୍କ **Cosborn** ଦ୍ୱାରା ଉପସ୍ଥାପନ କରାଯାଇଥିଲା । ଏହି ପଦ୍ଧତି ଅନୁସାରେ ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟ ସମ୍ବନ୍ଧରେ ପ୍ରଶ୍ନ ପଚାରି ସର୍ବାଧିକ ଯେତେଟା ଉତ୍ତର ସମ୍ଭବ ତାହାକୁ କାଗଜରେ ଲେଖିବା ପାଇଁ ନିର୍ଦ୍ଦେଶନା ଦିଆଯାଏ । ଠିକ୍ ସେହିପରି କୌଣସି ସମସ୍ୟାକୁ ଯେଉଁ କେତେକ ଉପାୟରେ ସମାଧାନ



ଟିପ୍ପଣୀ

କରି ଫଳାଫଳ ନିର୍ଣ୍ଣୟ କରିହେବ ସେ ସମ୍ବନ୍ଧରେ ଲେଖିବା ପାଇଁ ନିର୍ଦ୍ଦେଶନା ଦିଆଯାଏ। ଏହାପରେ ସେ ସମସ୍ତ ଉତ୍ତରକୁ ମୂଲ୍ୟାୟନ କରିବା ପାଇଁ କୁହାଯାଏ। ଏହି ମସ୍ତିଷ୍କ ଝଡ ଉପାୟଟି ଶିକ୍ଷକମାନଙ୍କ ଦ୍ୱାରା ଅବଲମ୍ବନ କରାଗଲେ ଏହା ସୃଜନଶୀଳତା ବିକାଶ ଦିଗରେ ଢେର୍ ସହାୟକ ହୋଇଥାଏ।

ଓସ୍ବବର୍ଣ୍ଣ ଚିନ୍ତନ ପ୍ରକ୍ରିୟାକୁ ଦୁଇଟି ସୋପାନରେ ବିଭକ୍ତ କରିଛନ୍ତି। ଯଥା:- **Ideation** (ଧାରଣାଜାତ) ସୋପାନ ଓ ମୂଲ୍ୟାୟନ **(Valuation)** ସୋପାନ। **Ideation** ସୋପାନ ଚାରୋଟି ନିୟମ ଉପରେ ପର୍ଯ୍ୟବେଶିତ।

- ସ୍ୱତଃ ପରିପ୍ରକାଶ (**Free working**) ଧାରଣା ବା ଚିନ୍ତାଧାରା ଯାହା ହେଉନାକାହିଁକି ତାହାର ବିନା ବାଧାରେ ପରିପ୍ରକାଶ।
- ସମାଲୋଚନା ବର୍ଜନୀୟ:- ବିଚାରଧାରାର ସମାଲୋଚନା, ନିଜ ବା ଅନ୍ୟ ଦ୍ୱାରା ବର୍ଜନୀୟ।
- ଗୁଣ ଗୁଣକୁହିଁ ଜନ୍ମଦିଏ : ଧାରଣା ବା ଚିନ୍ତାଧାରାର ସଂଖ୍ୟା ନୂତନ ବା ଉତ୍କୃଷ୍ଟ ଚିନ୍ତାଧାରାକୁ ଜନ୍ମ ଦିଏ।
- ମିଶ୍ରଣ ଚିନ୍ତାଧାରା କୁ ସ୍ୱାଗତ: ଜଣେ ତାର ଚିନ୍ତାଧାରକୁ ଅନ୍ୟର ଚିନ୍ତାଧାରା ସହିତ ମିଶାଇବା ପାଇଁ ଚେଷ୍ଟିତ ହେବା ଆବଶ୍ୟକ।

ଆମେରିକାର ମନୋବିଜ୍ଞାନୀ ମାନେ (ଧାରଣାଜାତ) ସୋପାନକୁ 'ସବୁଜ ଆଲୋକ' ସୋପାନ ଓ ମୂଲ୍ୟାୟନକୁ 'ଲାଲ୍ ଆଲୋକ' ସୋପାନ ନାମରେ ନାମିତ କରିଛନ୍ତି।

ଉଦାହରଣ:-

ସବୁଜ ଆଲୋକ ସୋପାନ:-

୬ ରୁ ୮ ଜଣ ବିଭିନ୍ନ ବର୍ଗରୁ ଆସିଥିବା ପିଲା ଙ୍କୁ ବୃତ୍ତାକାରରେ ବସାଇବ, ସେମାନଙ୍କୁ ଯେ କୌଣସି ବୟଷରେ ସ୍ୱାଧୀନ ବହୁମତ ପ୍ରକାଶର ସୁଯୋଗ ଦେବ, ସେମାନଙ୍କ ଅଜାଣତରେ ତାଙ୍କଠାରୁ ମିଳୁଥିବା ଚିନ୍ତାସମୂହକୁ ସେମାନଙ୍କ ଅଜାଣତରେ ସଠିକ ଲିପିବଦ୍ଧ କରିବ।

ଲାଲ୍ ଆଲୋକ ସୋପାନ:-

ମିଳିଥିବା ଚିନ୍ତାଧାରା ଗୁଡିକୁ ଏକାଠି କରି କାମରେ ଲାଗଇବା ବା ସମ୍ପାଦନ ପାଇଁ ଚେଷ୍ଟା ହେବ। ଦେଖାଯିବ ଯେ ମିଳଥିବାଚିନ୍ତାଧାରାଗୁଡିକ ପୂର୍ବରୁ କେବେ ସମ୍ପାଦନ କାରୀଙ୍କ ମନକୁ ଆସି ନଥିଲା ଏବଂ ଏଗୁଡିକ ବିଭିନ୍ନ ସମସ୍ୟା ସମାଧାନ କରିବାରେ ସହାୟକ ହୋଇଥାଏ।

### ୬.୪.୨ ଗୁଣାତ୍ମକ ସୂଚୀ ଓ ପରିବର୍ତ୍ତନ (Attribute listing and changing) :

ପ୍ରତ୍ୟେକ ବସ୍ତୁ ବା ପଦାର୍ଥର କେତେକ ନିର୍ଦ୍ଦିଷ୍ଟ ଗୁଣ ବା ବୈଶିଷ୍ଟ୍ୟ ଥାଏ। ଏହି ବୈଶିଷ୍ଟ୍ୟ ଗୁଡିକ ବସ୍ତୁ ବସ୍ତୁ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟରେ ସହାୟକ ହୋଇଥାଏ। ଶିକ୍ଷାର୍ଥୀମାନଙ୍କର ସୃଜନଶୀଳ ଚିନ୍ତନ ଶକ୍ତିର ବିକାଶ ନିମନ୍ତେ ବସ୍ତୁଗୁଡିକର ଗୁଣ ବା ବୈଶିଷ୍ଟ୍ୟ ଗୁଡିକୁ ଚିହ୍ନଟ କରିବାକୁ କୁହାଯାଇଥାଏ। ଉଦାହରଣ ସ୍ୱରୂପ - କଲମର ଗୁଣଗୁଡିକ ହେଲା ଏହା ଲିଖନ ପାଇଁ ବ୍ୟବହୃତ ହୋଇଥାଏ। ଏହାର ବିଭିନ୍ନ ରଙ୍ଗ ଅଛି। ଏହା ହାତକୁ ଟାଣ ଲାଗେ ଇତ୍ୟାଦି ......ସେହିପରି ଭାବରେ ଗୋଟିଏ ବସ୍ତୁକୁ ବିଭିନ୍ନ ଆକୃତିରେ ସୃଷ୍ଟି କରିବା ଦ୍ୱାରା ମଧ ଶିକ୍ଷାର୍ଥୀଙ୍କର ସୃଜନଶୀଳ ଶକ୍ତି ବଢିଥାଏ।



ଟିପ୍ପଣୀ

### ୬.୪.୩ ଶିକ୍ଷଣ ସାମଗ୍ରୀର ବ୍ୟବହାର :

ନୂତନତ୍ୱ ଥିବା ଶିକ୍ଷଣସାମଗ୍ରୀ ବ୍ୟବହାର କରିବା ଦ୍ୱାରା ଶିକ୍ଷାର୍ଥୀମାନଙ୍କର ସୃଜନଶୀଳ ଚିନ୍ତନ ଶକ୍ତି ବୃଦ୍ଧି ପାଇଥାଏ । ଚିରାଚରିତ ଢଙ୍ଗରେ ପ୍ରସ୍ତୁତ ହୋଇଥିବା ଶିକ୍ଷଣ ସାମଗ୍ରୀ ଗୁଡିକ ସୃଜନଶୀଳ ଚିନ୍ତନ ଶକ୍ତି ବିକାଶ କରିପାରେନାହିଁ । ନିମ୍ନଲିଖିତ ଶିକ୍ଷଣ ସାମଗ୍ରୀ ଦ୍ୱାରା ସୃଜନଶୀଳ ଚିନ୍ତନ ଶକ୍ତି ବିକାଶ କରାଯାଇପାରେ ।

**(କ) ଗୋଲକ ଧନ୍ଦା :**

ଗୋଲକ ଧନ୍ଦାରେ ଦିଆଯାଇଥିବା ସମସ୍ୟାଗୁଡିକର ରହସ୍ୟ ଉନ୍ମୋଚନର ସୂତ୍ର ଦିଆଯାଇଥାଏ । ଶିକ୍ଷାର୍ଥୀ ଏହି ସୂତ୍ରକୁ ନେଇ ସମସ୍ୟା ସମାଧାନ କଲେ ତାଙ୍କର ସୃଜନଶୀଳ ଚିନ୍ତନ ଶକ୍ତି ବୃଦ୍ଧି ହୋଇପାରିବ ।

**(ଖ) ପ୍ରହେଳିକା ସମାଧାନ (Riddle Solving) :**

ପ୍ରତ୍ୟେକ ଭାଷାର କିଛି ନା କିଛି ପ୍ରହେଳିକା ରହିଥାଏ । ଭାଷା ଶିକ୍ଷାଦାନ ସମୟରେ ପ୍ରହେଳିକା ସମାଧାନ କରିବାର ଶିକ୍ଷଣ ସାମଗ୍ରୀ ବ୍ୟବହାର କରି ସୃଜନଶୀଳ ଚିନ୍ତନ ଶକ୍ତିର ବିକାଶ ସାଧନ କରାଯାଇପାରିବ ।

**(ଗ) ବହୁମୁଖୀ ଚିନ୍ତନ ପ୍ରଶ୍ନ :**

ଶିକ୍ଷକ କୌଣସି ବିଷୟରେ ଏପରି ପ୍ରଶ୍ନ ପଚାରିବା ଉଚିତ୍ ଯେପରି ତାହା ଶିକ୍ଷାର୍ଥୀମାନଙ୍କର ବହୁର୍ମୁଖୀ ଚିନ୍ତନ ଶକ୍ତିର ବିକାଶ ସାଧନ କରିପାରିବ ।

**(ଘ) ରହସ୍ୟ କ୍ଷେତ୍ର (Mystery Plots) :**

ଏହି ପ୍ରକାର ଶିକ୍ଷଣ ଉପକରଣରେ ଏକ ନିର୍ଦ୍ଧିଷ୍ଟ କ୍ଷେତ୍ର ଲୁଚାଇ ରଖାଯାଇଥାଏ ଓ ଛାତ୍ରଛାତ୍ରୀମାନଙ୍କୁ ତାହା ଖୋଜି ବାହାର କରିବାକୁ କୁହାଯାଇଥାଏ ।

**(ଙ) କାର୍ଯ୍ୟର ଫଳାଫଳ ପରିସ୍ଥିତି (Consequences Situations) :**

ଶିକ୍ଷାର୍ଥୀମାନଙ୍କୁ ଏକ ଜଟିଳ ପରିସ୍ଥିତି ଦିଆଯାଇଥାଏ ଓ ସେମାନେ ଏହାର ଫଳାଫଳକୁ ଅନୁମାନ କରିବାକୁ ପଡିଥାଏ ।

**(ଚ) ଗଳ୍ପ ଲିଖନ (Story Writing) :**

ଗଳ୍ପ ଲିଖନ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାର୍ଥୀମାନଙ୍କର ସୃଜନଶୀଳ ଚିନ୍ତନ ଶକ୍ତିର ବିକାଶ ହୋଇଥାଏ । ଏହି କାର୍ଯ୍ୟକ୍ରମଗୁଡିକ ମାଧ୍ୟମରେ ଏକ ଗଳ୍ପର ନାମକରଣ, ଅଧା ଗଳ୍ପକୁ ସଂପୂର୍ଣ୍ଣ କରିବା ଇତ୍ୟାଦି କାର୍ଯ୍ୟକ୍ରମ ରହିଥାଏ ।

**(ଛ) କବିତା ଲିଖନ (Poem Writing) :**

କବିତା ଲିଖନ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାର୍ଥୀମାନେ ସେମାନଙ୍କର ସୃଜନଶୀଳ ପ୍ରତିଭାର ପରିପ୍ରକାଶ କରିପାରନ୍ତି ।

**(ଜ) ପ୍ରହେଳିକା ସୃଷ୍ଟି (Riddle Construction) :**

କୌଣସି ଏକ ବସ୍ତୁର ନାମକୁ ନେଇ କିମ୍ୱା ଗୁଣକୁ ନେଇ ପ୍ରହେଳିକା ସୃଷ୍ଟି ପାଇଁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିବା ଦ୍ୱାରା ସେମାନଙ୍କର ସୃଜନଶୀଳ ଚିନ୍ତନ ଶକ୍ତିର ବିକାଶ ସାଧିତ ହୋଇଥାଏ ।

ଟିପ୍ପଣୀ

### ୬.୪.୪ କିଛି ନୂତନ ଧାରଣା :

ନିମ୍ନରେ କିଛି ନୂତନ ଧାରଣାର ଉଦାହରଣ ପ୍ରଦତ୍ତ ହୋଇଅଛି ।

କ) ବେଳେବେଳେ ତିନି କିମ୍ବା ଚାରୋଟି ଅକ୍ଷରକୁ ନେଇ ଶବ୍ଦ ଗଢିବାକୁ ଶିକ୍ଷାର୍ଥୀମାନଙ୍କୁ କୁହାଯାଇଥାଏ । ସେହି ଶବ୍ଦଗୁଡିକୁ ନେଇ ଏକ ଅର୍ଥପୂର୍ଣ୍ଣ ବାକ୍ୟ ଗଢିବାକୁ କୁହାଯାଏ ।

ଖ) ଶିକ୍ଷାର୍ଥୀମାନଙ୍କୁ କେତେକ ଧାରଣା ଦିଆଯାଇଥାଏ । ଯଥା -: ସମାନତା, ଅହିଂସା, ଗଣତନ୍ତ୍ର ଇତ୍ୟାଦି । ଏହି ଧାରଣାଗୁଡିକୁ ନେଇ ଚିତ୍ର ଅଙ୍କନ କରିବାକୁ ସେମାନଙ୍କୁ କୁହାଯାଇଥାଏ ।

ଗ) ପ୍ରତ୍ୟେକ ଭାଷାର କିଛି ନା କିଛି ପରିରାଇଜର ଗପ ଅଛି । ଯାହାକି ଶିକ୍ଷାର୍ଥୀଙ୍କର କଳ୍ପନା ଶକ୍ତିର ବିକାଶ ସାଧନ କରିବାରେ ସହାୟକ ହୋଇଥାଏ । ଏହି ଗଳ୍ପ କଥନ ଦ୍ୱାରା ଶିକ୍ଷାର୍ଥୀଙ୍କର କଳ୍ପନା ଶକ୍ତିର ବିକାଶ ସାଧନ ହୋଇପାରିବ ।

ଘ) ଧାରଣା ଫନ୍ଦି ଉପାୟ (Idea trap mechanisim) ଦ୍ୱାରା ଶିକ୍ଷାର୍ଥୀଙ୍କର ସୃଜନଶୀଳ ଚିନ୍ତନ ଶକ୍ତିର ବିକାଶ ମଧ୍ୟ କରାଯାଇପାରେ ।

### ୬.୪.୫ ପ୍ରଶ୍ନ ମାଧ୍ୟମରେ ସ୍ୱ ବା ଆତ୍ମପ୍ରକାଶର ସୁବିଧା :

ଶିକ୍ଷକ ଓ ଗବେଷକମାନେ ବିଭିନ୍ନ ପ୍ରକାର ପ୍ରଶ୍ନ ତିଆରି କରିଛନ୍ତି । ଯାହା ଶିକ୍ଷାର୍ଥୀର ସୃଜନଶୀଳ ଚିନ୍ତନ ଶକ୍ତି ବିକାଶରେ ଅତ୍ୟନ୍ତ ସହାୟକ ହୋଇଥାଏ ।

**୧. ପୁନଃ ବ୍ୟାଖ୍ୟାକାରୀ ପ୍ରଶ୍ନ :** ଏହି ପ୍ରକାର ପ୍ରଶ୍ନ ପିଲାମାନଙ୍କୁ କୌଣସି ଏକ ପ୍ରଶ୍ନର ଉତ୍ତରକୁ ଅସାଧରଣ ଭାବରେ ଦେବା ପାଇଁ ସକ୍ଷମ ହୋଇଥାଏ । ଉଦାହରଣ ସ୍ୱରୂପ - ଘଣ୍ଟା କିପରି ପଞ୍ଜିକା ଠାରୁ ପୃଥକ୍? ମୁଖ ଓ ଦୂରଦର୍ଶନ କିପରି ଏକାପରି? ଇତ୍ୟାଦି

**୨. ଫଳାଫଳ ଭିତ୍ତିକ ପ୍ରଶ୍ନ :** ଏହି ପ୍ରକାର ପ୍ରଶ୍ନ ପିଲାମାନଙ୍କର କଳ୍ପନା ଶକ୍ତିର ବିକାଶ ସାଧନ କରିଥାଏ । ଏଠାରେ ଏହି ପ୍ରକାର କେତେକ ପ୍ରଶ୍ନର ଉଦାହରଣ ଦିଆଗଲା ।

(କ) ଧରାଯାଉ ପୃଥିବୀକୁ ପେଟ୍ରୋଲ ଯୋଗାଣ ହଠାତ୍ କରି ବନ୍ଦ ହୋଇଯିବ । ତେବେ କ'ଣ ହେବ?

(ଖ) ଯଦି ପୃଥିବୀର ସମସ୍ତ ଲୋକ ପାଗଳ ହୋଇଯିବେ, ତେବେ କ'ଣ ହେବ? ଇତ୍ୟାଦି...

**୩. କାଳ୍ପନିକ ପ୍ରଶ୍ନ :** ଏହି ପ୍ରକାର ପ୍ରଶ୍ନ ପିଲାମାନଙ୍କୁ ନିଜ ଜ୍ଞାନର ପରିସର ବାହାରକୁ ଯାଇ ଚିନ୍ତା କରିବାର ସୁଯୋଗ ସୃଷ୍ଟି କରେ । ଉଦାହରଣ ସ୍ୱରୂପ -

କ) ଯଦି ତୁମେ ଶିକ୍ଷା ବିଭାଗର ପ୍ରଧାନ ସଚିବ ହୋଇଥାନ୍ତ?

ଖ) ଯଦି ହଠାତ୍ କରି ତୁମେ ଗୋଟିଏ ପିମ୍ପୁଡି ହୋଇଯିବ?

**୪. ଚିନ୍ତା ଉଦ୍ରେକକାରୀ ପ୍ରଶ୍ନ :**

ଏହି ପ୍ରକାର ପ୍ରଶ୍ନ ମୁଖ୍ୟତଃ କାହିଁକି, କିପରି ଇତ୍ୟାଦି ପ୍ରକାରର ହୋଇଥାଏ, ଉଦାହରଣସ୍ୱରୂପ

କ) ତୁମେ ଭାବୁଛ କି ଭଗବାନ କୃଷ୍ଣ ବର୍ତ୍ତମାନ ସମାଜରେ ଜଣେ ଭଲ ରାଜନେତା ହୋଇଥାନ୍ତେ?

ଖ) ଆଜି ଗାନ୍ଧିଜୀ ବଞ୍ଚିଥିଲେ କ'ଣ କରିଥାନ୍ତେ? ଇତ୍ୟାଦି

ଟିପ୍ପଣୀ

**୫. ନୂତନ ସଂପର୍କ ସ୍ଥାପନ କରିପାରୁଥିବା ପ୍ରଶ୍ନ :**

ଏହି ପ୍ରକାର ପ୍ରଶ୍ନ ପିଲାମାନଙ୍କ ପାଇଁ କୌତୁକିଆ ଓ ମଜାଦାର ହୋଇଥାଏ । ଏହା ମାଧ୍ୟମରେ ଶିକ୍ଷାର୍ଥୀ ସାଦୃଶ ଓ ଅସାଦୃଶ ଧାରଣା ଗୁଡିକ ମଧ୍ୟରେ ସଂପର୍କ ଯୋଡିବାରେ ସକ୍ଷମ ହୋଇଥାଏ ।

କ) ଏକମାସ ଏକ ଅର୍ଦ୍ଧ କୋଶ କି ?

ଖ) ଏକ ଦିନ ଏକ ସପ୍ତାହ କି ?

**୬. ବହୁମୁଖୀ ପ୍ରଶ୍ନ :**

ଏହି ପ୍ରକାର ପ୍ରଶ୍ନ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଉତ୍ତରରେ ସୀମିତ ନରହି ବିଭିନ୍ନ ଦିଗରୁ ଚିନ୍ତା କରି ଉତ୍ତର ଦେବା ପାଇଁ ସକ୍ଷମ କରାଇଥାଏ । ଏଠାରେ ସମୟ ଓ ଅର୍ଥ ଅଧିକ ବ୍ୟୟ ହେଲେ ମଧ୍ୟ ଏହା ଶିକ୍ଷାର୍ଥୀଙ୍କର ସୃଜନଶୀଳତାକୁ ବୃଦ୍ଧି କରିଥାଏ ।

(କ) ଗୋଟିଏ ସହରର ତଳ ଦେଶରେ କାଦୁଅ ବାହାରିଲା । ସେହି ସହରର ତଳ ଦେଶରେ ବା ଭୂଗର୍ଭରେ କାଦୁଅ ରହିବାର କାରଣ କ'ଣ ହୋଇପାରେ ?

(ଖ) ଗୋଟିଏ ପୋଖରୀରେ କୁମ୍ଭୀର ରହିଛନ୍ତି ଓ ପୋଖରୀ ମଝିରେ ଗୋଟିଏ ଖମ୍ବ ପୋତା ହୋଇଛି । ତୁମକୁ ଗୋଟିଏ ଦଉଡି ଦିଆଯାଇ ଖୁଣ୍ଟ ମଝିରେ ଏକ ଗଣ୍ଠି ପକାଇବାକୁ ହେବ ।

**୭. ଉଦ୍ଦୀପକ ଥିବା ପ୍ରଶ୍ନ :**

ଏହି ପ୍ରଶ୍ନ ଶିକ୍ଷାର୍ଥୀଙ୍କୁ ତାଙ୍କ ଦୈନନ୍ଦିନ ଜୀବନରେ ସାମ୍ନା କରୁଥିବା ପରିସ୍ଥିତିକୁ ବୁଝିବାରେ ସହାୟକ ହୋଇଥାଏ । ଉଦାହରଣ ସ୍ୱରୂପ -

କ) ଆମେ କାହିଁକି ଆମ ପିତାମାତାଙ୍କୁ ସମ୍ମାନ ଦେବା ?

ଖ) ବିଭିନ୍ନ ପ୍ରକାର ବିଜ୍ଞାପନ ପାଇଁ ଆକର୍ଷଣୀୟ ବାକ୍ୟାଂଶ ।

**୮. ଭବିଷ୍ୟତରେ ଘଟିବାକୁ ଥିବା ସମସ୍ୟା ସମାଧାନ ପ୍ରଶ୍ନ :**

ଏହି ପ୍ରକାର ପ୍ରଶ୍ନ ଶିକ୍ଷାର୍ଥୀଙ୍କୁ ନୂତନ ଜିନିଷ ସୃଷ୍ଟି କରିବାରେ ସହାୟକ ହୋଇଥାଏ ।

କ) ଗୋଟିଏ ଭଲ ଛତା ।

ଖ) ଗୋଟିଏ ନୂଆ କ୍ଷୀର ବୋତଲ ।

ଗ) ସେଓକଟା ଯନ୍ତ୍ର ।

ଘ) ଚାଳକ ବିହୀନ ଗାଡି ଇତ୍ୟାଦି ।

ଏହି ପ୍ରକାର ପ୍ରଶ୍ନ ପଚରାଗଲା ବେଳେ ପିଲାମାନଙ୍କ ମଧ୍ୟରେ ଚପଳାମି ଦେଖାଯାଇଥାଏ । ଶିକ୍ଷକ ଶିକ୍ଷାର୍ଥୀମାନଙ୍କୁ କୌଶଳକ୍ରମେ ନିଜ ନିୟନ୍ତ୍ରଣରେ ରଖିବା ଉଚିତ୍ ।

### ୬.୪.୬ ନୂତନ କାର୍ଯ୍ୟକ୍ରମର ବ୍ୟବସ୍ଥା :

ସୃଜନଶୀଳତାର ଅନ୍ୟନାମ ହେଉଛି ନୂତନତା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳ ଶକ୍ତି ବଢାଇବାକୁ ହେଲେ ନିମ୍ନଲିଖିତ କାର୍ଯ୍ୟକ୍ରମଗୁଡିକ ପଚରାଯାଇପାରେ ।

୧) **ସମ୍ବେଦନଶୀଳତା ଶିକ୍ଷା** : କୌଣସି ବସ୍ତୁର ନୂତନତ୍ୱ ଇନ୍ଦ୍ରିୟମାନଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ । ତେଣୁ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଇନ୍ଦ୍ରିୟଗୁଡ଼ିକୁ ସଜାଗ ରଖିବା ପାଇଁ ଶିକ୍ଷା ଦିଆଯାଇଥାଏ । ଉଦାହରଣ:-

- (କ) ବାଦଲର କେଉଁ ପ୍ରକାର ଭେଦ ଦେଖିବାକୁ ପାଅ ।
- (ଖ) କୌଣସି ଗୋଟିଏ ଘର ମଧ୍ୟରେ କିକି ପ୍ରକାରର ଶବ୍ଦଶୁଣୀବାକୁ ପାଅ ।
- (ଗ) ସ୍ପର୍ଶ ଦ୍ୱାରା ଡାଲିର ପ୍ରକାରଭେଦ କୁହ ।
- (ଘ) ଭୋଜି ଭାତ ରନ୍ଧାବେଳେ କିକି ଗନ୍ଧ ବାରିପାର ।

୨) **ପର୍ଯ୍ୟବେକ୍ଷଣ** : ସୃଜନଶୀଳତା ଶକ୍ତିର ବୃଦ୍ଧି ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ ପ୍ରଥମେ ପରିବେଶର ଜଣେ ଜଣେ ଦକ୍ଷ ପର୍ଯ୍ୟବେକ୍ଷକ ହେବା ଆବଶ୍ୟକ । ଉଦାହରଣ ସ୍ୱରୂପ - ଏକ କଲମ ଦେଖାଇ ଶିକ୍ଷକ ଏହାର ଗୁଣାବଳୀକୁ ତାଲିକା କରିବା ପାଇଁ ଶିକ୍ଷାର୍ଥୀଙ୍କୁ କହିବେ ।

୩) **ବିଭାଗୀକରଣ** : ବସ୍ତୁଗୁଡ଼ିକୁ ସାଦୃଶ ବା ଆସାଦୃଶ ଦୃଷ୍ଟିକୋଣରୁ ବିଭାଗୀକରଣ କରିବା ପାଇଁ ଶିକ୍ଷକ କାର୍ଯ୍ୟକ୍ରମମାନ ଆୟୋଜନ କରିବେ । ଉଦାହରଣ ସ୍ୱରୂପ- ୧ ରୁ ୧୦୦ ପର୍ଯ୍ୟନ୍ତ ସଂଖ୍ୟାଗୁଡ଼ିକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଭାଗୀକରଣ କର ।

୪) **ଅନୁପ୍ରାସ** : ଶିକ୍ଷାର୍ଥୀମାନଙ୍କୁ ମୂଳ ଅକ୍ଷର ସମାନ ଥିବା ଶବ୍ଦଗୁଡ଼ିକର ତାଲିକା କରିବା ପାଇଁ ଦିଆଯାଇଥାଏ । ଯଥା - କଳ, କଲମ, କଣ୍ଟା ଇତ୍ୟାଦି ।

୫) **ବହୁଗୁଣିତ ବ୍ୟବହାର** : ଶିକ୍ଷାର୍ଥୀମାନଙ୍କୁ କୌଣସି ଏକ ବସ୍ତୁର ଉଭୟ ସାଧାରଣ ଓ ଅସାଧରଣ ବ୍ୟବହାରଗୁଡ଼ିକୁ ଲେଖିବା ପାଇଁ କୁହାଯିବ । ଯଥା - ଖବରକାଗଜ ଓ ସରିଯାଇଥିବା ରିଫିଲର ବ୍ୟବହାର ଲେଖ ।

୬) **କାଳ୍ପନିକ ଗଳ୍ପ କଥନ** : ପିଲାମାନଙ୍କୁ ଯେ କୌଣସି ଗୋଟିଏ ବସ୍ତୁର ସୃଷ୍ଟି ସମ୍ବନ୍ଧରେ କାଳ୍ପନିକ ଗଳ୍ପ କହିବା ପାଇଁ ସୁଯୋଗ ଦେବା ।

୭) **ଉଦ୍ଭାବନ** : ଶିକ୍ଷାର୍ଥୀମାନଙ୍କୁ ଏକ ନୂତନ ଖାଦ୍ୟ ବିଷୟରେ ଚିନ୍ତା କରିବାକୁ କୁହାଯିବ । ଏହାପାଇଁ ଆବଶ୍ୟକୀୟ ସରଞ୍ଜାମ ସେମାନେ ଚିନ୍ତା କରିବା ସହିତ ଏହା କିପରି ଲାଗିବ, ସେମାନେ ଚିନ୍ତା କରି କହିବେ ।

୮) ଜ୍ଞାତ ବସ୍ତୁଗୁଡ଼ିକର ସମ୍ଭାବ୍ୟ ଉପଯୋଗୀତାଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କୁ ଚିନ୍ତା କରିବା ପାଇଁ କୁହାଯିବ । ଉଦାହରଣ ସ୍ୱରୂପ - ଇଟାର ଉପଯୋଗୀତା, ଛୁଞ୍ଚିର ଉପଯୋଗୀତା ଇତ୍ୟାଦି ।

୯) ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଶବ୍ଦର ପ୍ରତିଶବ୍ଦ ଓ ବିପରୀତ ଶବ୍ଦ କହିବା ପାଇଁ କୁହାଯିବ ।

୧୦) ବିଭିନ୍ନ ପ୍ରକାର ଚିତ୍ର ଆଙ୍କି ସେଗୁଡ଼ିକୁ ବିଭିନ୍ନ ଆକୃତିର କରିବା ପାଇଁ ନିର୍ଦ୍ଦେଶ ଦିଆଯିବ ।

୧୧) ଯେକୌଣସି ଦୁଇଟି ନାମର କୌଣସି ଅଂଶକୁ ଯୋଡି ଏକ ନୂତନ ଶବ୍ଦ ସୃଷ୍ଟି କରିବା ପାଇଁ ଶିକ୍ଷାର୍ଥୀମାନଙ୍କୁ କୁହାଯିବ । ଉଦାହରଣ ସ୍ୱରୂପ - ଆଳୁ ଓ ବାଇଗଣ ଶବ୍ଦରୁ 'ଆଇ' ଶବ୍ଦଟି ସୃଷ୍ଟି ହୋଇପାରିବ ।

୧୨) ଛାତ୍ରଛାତ୍ରୀମାନଙ୍କୁ କୌଣସି ନୂତନ ଯନ୍ତ୍ର ସୃଷ୍ଟି କରିବା ପାଇଁ କୁହାଯିବ ।



ଟିପ୍ପଣୀ

୧୩) କୌଣସି ପୁରୁଣା ଉପକରଣକୁ ପୁନର୍ଗଠନ ପାଇଁ ଶିକ୍ଷାର୍ଥୀମାନଙ୍କୁ ନିର୍ଦ୍ଦେଶ ଦିଆଯିବ । ଉଦାହରଣ ସ୍ୱରୂପ - ଚିରିଯାଇଥିବା ବହିକୁ ବନ୍ଧେଇବା ପାଇଁ ଶିକ୍ଷାର୍ଥୀକୁ ଦିଆଯିବ ।

## ୬.୫ ସୃଜନଶୀଳତାର ବିକାଶ ନିମନ୍ତେ ଶିକ୍ଷଣ ଉପକରଣ ପ୍ରସ୍ତୁତି :

ଯେତେବେଳେ ଜଣେ ଶିକ୍ଷକ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତାର ଉନ୍ମେଷ ପାଇଁ ଚିନ୍ତା କରିବେ ପ୍ରଥମେ ସେ ତାଙ୍କର ରାଗ, କ୍ରୋଧକୁ ତ୍ୟାଗ କରିବା ସଙ୍ଗେ ସଙ୍ଗେ ଧୈର୍ଯ୍ୟବାନ୍ ହେବା ଆବଶ୍ୟକ । ସେ ଜଣେ ସ୍ନେହୀ ଓ ଖୋଲା ହୃଦୟର ହୋଇପାରିଲେ, ଛାତ୍ରଛାତ୍ରୀଙ୍କ ନିକଟରେ ସୃଜନଶୀଳ ଚିନ୍ତନ ଶକ୍ତିର ବୃଦ୍ଧି କରିପାରିବେ । ଟରେନ୍ସ ଓ ମେୟରଙ୍କ ମତରେ, ଜଣେ ଶିକ୍ଷକ ନିମ୍ନଲିଖିତ ନୀତିଗୁଡ଼ିକ ଉପରେ ଧ୍ୟାନ ଦେଲେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳ ଶକ୍ତିର ବିକାଶ ହୋଇପାରିବ ।

- ପିଲାମାନଙ୍କ ଭାବନାକୁ ସମ୍ମାନ ଦେବା ।
- ପିଲାମାନଙ୍କର କାଳ୍ପନିକ ଓ ଅସାଧାରଣ ଭାବନାକୁ ସମ୍ମାନ ଦେବା ।
- ପିଲାମାନଙ୍କ ଭାବଧାରାକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେମାନଙ୍କୁ ଅବଗତ କରାଇବା ।
- ପିଲାମାନଙ୍କ ମଧ୍ୟରେ ନୂତନତ୍ୱ ସୃଷ୍ଟି ପାଇଁ ଆଗ୍ରହ ଜନ୍ମାଇବା ।
- ନୂତନତ୍ୱ ସୃଷ୍ଟି ପ୍ରକ୍ରିୟାର କାରଣ ଓ ଫଳାଫଳ ବିଷୟରେ ପିଲାମାନଙ୍କୁ ଅବଗତ କରାଇବା ।

ଶିକ୍ଷକ ଉପରୋକ୍ତ ପଦକ୍ଷେପଗୁଡ଼ିକୁ ନେବା ସତ୍ତ୍ୱେ ମଧ୍ୟ ସୃଜନଶୀଳତା ବିକାଶ କରିବା କ୍ଷେତ୍ରରେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । କାରଣ ସୃଜନଶୀଳତା ବିକାଶ କ୍ଷେତ୍ରରେ ଉପଯୁକ୍ତ ଶିକ୍ଷଣ ସାମଗ୍ରୀର ଯଥେଷ୍ଟ ଭୂମିକା ଅଛି । ତେଣୁ ଶିକ୍ଷଣ ସାମଗ୍ରୀ ଓ ଶିକ୍ଷଣ କାର୍ଯ୍ୟଗୁଡ଼ିକର ନିମ୍ନଲିଖିତ ବୈଶିଷ୍ଟ୍ୟ ଗୁଡ଼ିକ ରଖିବା ଆବଶ୍ୟକ ।

କ) ଶିକ୍ଷଣ କାର୍ଯ୍ୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ବହୁମୁଖୀ ପ୍ରତିକ୍ରିୟା ସୃଷ୍ଟି କରିପାରୁଥିବ ।

ଖ) ଶିକ୍ଷଣ କାର୍ଯ୍ୟଗୁଡ଼ିକ ବହୁମୁଖୀ ପ୍ରକୃତିର ହେବା ଆବଶ୍ୟକ ।

ଗ) ଶିକ୍ଷଣ କାର୍ଯ୍ୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ନମନୀୟ ଚିନ୍ତାଧାରା ସୃଷ୍ଟି କରିପାରୁଥିବ ।

ଘ) ଶିକ୍ଷଣ କାର୍ଯ୍ୟଗୁଡ଼ିକ ଶିକ୍ଷାର୍ଥୀମାନଙ୍କର ବାକ୍‌ପଟୁତା, ନମନୀୟତା, ମୌଳିକତା, ସମସ୍ୟା ପ୍ରତି ସମ୍ବେଦନଶୀଳତା, ବିସ୍ତାରଣ, ନୂତନ ଅଭିଜ୍ଞତା ପ୍ରତି ଆଗ୍ରହ ସୃଷ୍ଟିକରିପାରୁଥିବା ଆବଶ୍ୟକ ।

ଙ) ଶିକ୍ଷଣକାର୍ଯ୍ୟଗୁଡ଼ିକ ସୃଜନଶୀଳତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଶ୍ରେଣୀ ଗୃହର ଆବଶ୍ୟକତା ପୂରଣ କରୁଥିବ ।

ଚ) ଶିକ୍ଷଣକାର୍ଯ୍ୟଗୁଡ଼ିକ କଳ୍ପନାଶକ୍ତି ବିକାଶ କରିପାରୁଥିବ ।

ଛ) ବିଭିନ୍ନ ପ୍ରକାରର ଗୋଲକ ଧନ୍ଦା, ପ୍ରହେଳିକା, ରହସ୍ୟ ଭୂଖଣ୍ଡ, ବହୁମୁଖୀ ପ୍ରଶ୍ନ ଇତ୍ୟାଦି ସଂଗ୍ରହ କରାଯାଇ ଶିକ୍ଷଣ କାର୍ଯ୍ୟରେ ବ୍ୟବହାର କରାଯିବା ଆବଶ୍ୟକ ।

ଜ) ଶିକ୍ଷକ ବିଭିନ୍ନ ପ୍ରକାର କାଳ୍ପନିକ ଗପ ଶିକ୍ଷାର୍ଥୀମାନଙ୍କୁ ଶ୍ରେଣୀ ଗୃହରେ କହିବା ଆବଶ୍ୟକ ।

ଝ) ଯେ କୌଣସି କାର୍ଯ୍ୟକ୍ରମ କରାଇଲାବେଳେ ଶିକ୍ଷକ ତାହାକୁ ଅସାଧରଣ ଢଙ୍ଗରେ କରାଇଲେ ତାହା ଶିକ୍ଷାର୍ଥୀଙ୍କର ସୃଜନଶୀଳତା ବୃଦ୍ଧି କରିପାରିବ ।

ଞ) ସାଧାରଣ କାର୍ଯ୍ୟକ୍ରମରେ କିଛି ନୂତନତା ଯୋଗ କରି ଅଥବା କିଛି ଅଂଶ ବାଦ୍ ଦେଇ ସେହି କାର୍ଯ୍ୟକ୍ରମଟିକୁ ସୃଜନଶୀଳ କାର୍ଯ୍ୟକ୍ରମ କରାଇହେବ ।

ଟ) ବିଭିନ୍ନ ପ୍ରକାର ଗପ ବହି ସଂଗ୍ରହ କରାଯାଇ ରଖାଯିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନଙ୍କୁ ତାହା ପଢ଼ିବାକୁ ଉତ୍ସାହିତ କରାଯିବା ଉଚିତ୍ ।

ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପାର୍ଶ୍ୱିକ ଚିନ୍ତନ କୌଶଳର ଅଭିବୃଦ୍ଧି ନିମନ୍ତେ ଏଡ୍‌ୱାର୍ଡ ଡି ବୋନୋଙ୍କ (Edword de Bono) ଗବେଷଣା ଅତ୍ୟନ୍ତ ଫଳପ୍ରଦ । ବୋନୋଙ୍କ ମତରେ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଆମ୍ଭେ ଘୋଷଣା ପଦ୍ଧତି ଉପରେ ଅଧିକ ଗୁରୁତ୍ୱ ଦେଉଥିବାରୁ ଏହା ଶିକ୍ଷାର୍ଥୀଙ୍କର ସୃଜନଶୀଳତା ଶକ୍ତିର ବିକାଶ କରିପାରୁନାହିଁ ।

## ୬.୬ ସୃଜନଶୀଳତାର ବିକାଶ ନିମନ୍ତେ ସୂଚନା ଓ ପ୍ରସାରଣ ପ୍ରଯୁକ୍ତି ବିଦ୍ୟାର ଭୂମିକା :

ଶିକ୍ଷାକ୍ଷେତ୍ରରେ ସୂଚନା ଓ ପ୍ରସାରଣ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଫଳରେ ଶିକ୍ଷାଦାନ ପ୍ରକ୍ରିୟା ସରସ, ସୁନ୍ଦର ଓ ଚିତାକର୍ଷକ ହୋଇପାରିଛି । ସୂଚନା ଓ ପ୍ରସାରଣ ପ୍ରଯୁକ୍ତି ବିଦ୍ୟା ଉପକରଣଗୁଡ଼ିକର ପ୍ରୟୋଗ ଫଳରେ ଶିକ୍ଷାର୍ଥୀଙ୍କର ସୃଜନଶୀଳ ଚିନ୍ତାଧାରା ବୃଦ୍ଧି ହୋଇପାରୁଛି । ଏହି ଉପକରଣ ଗୁଡ଼ିକ ମଧ୍ୟରୁ କିଛି ଉପକରଣ ଯଥା - କଳାପଟା, ବିଜ୍ଞାପନ ପ୍ରଚାର ପତ୍ର, ଚାର୍ଟ, ଓଭରହେଡ୍ ପ୍ରୋଜେକ୍ଟର, ଅଡିଓ କ୍ୟାସେଟ୍ ଇତ୍ୟାଦି ସହଜରେ ଉପଲବ୍ଧ ହେବା ସହିତ ଶିକ୍ଷା କ୍ଷେତ୍ରରେ ପ୍ରୟୋଗ କରାଯାଇପାରୁଛି । ଉଦାହରଣସ୍ୱରୂପ - କଳାପଟା/ଚାର୍ଟର ବ୍ୟବହାର ଫଳରେ ପିଲାମାନଙ୍କୁ ଗୋଟିଏ ଛବି ଦେଖାଯାଇପାରିବ ଓ ଏହି ଛବିକୁ ନେଇ ଗୋଟିଏ ଗଳ୍ପଲିଖନ ପାଇଁ ସେମାନଙ୍କୁ ଉତ୍ସାହିତ କରାଯାଇପାରିବ । ସେହିପରି ଭାବରେ ଅଡିଓ କ୍ୟାସେଟ୍‌ରେ ଗୋଟିଏ ଗଳ୍ପର କିଛି ଅଂଶ ରେକର୍ଡ କରାଯାଇ ଶ୍ରେଣୀରେ ବଜାଯିବ ଓ ସେହି ଗଳ୍ପକୁ ପୂରା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯିବ । କମ୍ପ୍ୟୁଟର ପରଦାରେ ଛାତ୍ରଛାତ୍ରୀମାନଙ୍କୁ କୌଣସି ଚିତ୍ର ଦେଖାଇ ତାହାକୁ ବ୍ୟାଖ୍ୟା କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ କୁହାଯାଇପାରେ । ବିଭିନ୍ନ ପ୍ରକାର ଗୋଲକଧନ୍ଦା, ପ୍ରହେଳିକା, ରହସ୍ୟ ଭୂଖଣ୍ଡ ଇତ୍ୟାଦିକୁ ଛାତ୍ରଛାତ୍ରୀମାନେ ମଧ୍ୟ ଇଣ୍ଟରନେଟ୍ ମାଧ୍ୟମରେ ସମାଧାନ କରିବାରେ ସକ୍ଷମ ହେବେ । ଏହିପରି ଭାବରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଗୁଡ଼ିକ ମାଧ୍ୟମରେ ଜଣେ ଶିକ୍ଷକ ସୂଚନା ଓ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ କରି ସୃଜନଶୀଳତାର ବିକାଶ କରାଇପାରିବେ ।

### ନିଜ ଅଗ୍ରଗତି ଆକଳନ - ୩

୧) ମସ୍ତିଷ୍କ ଝଡ ଶିକ୍ଷାଦାନ ପଦ୍ଧତିର ସୃଷ୍ଟିକର୍ତ୍ତାଙ୍କ ନାମ .......................... ।

(କ) କଭିଙ୍ଗଟନ୍ (Covingtor) (ଖ) କ୍ରୁଟେକ୍ ଫିଲ୍ଡ (Crutech field)

(ଗ) ଅସବର୍ଣ୍ଣ (Osborn) (ଘ) କ୍ରପ୍‌ଲେ (Croply)

୨) ପ୍ରହେଳିକା ସୃଷ୍ଟି କରିବା ............ଉପାୟ ସହିତ ସଂପର୍କିତ ।

(କ) ସମସ୍ୟା ସମାଧାନ କରିବା କୌଶଳ (ଖ) ମସ୍ତିଷ୍କ ଝଡ

(ଗ) ଗୁଣାତ୍ମକ ସୂଚୀ ଓ ପରିବର୍ତ୍ତନ (ଘ) ପେଚ କଷିବା

୩) ଗୋଲକଧନ୍ଦାରେ ସମାଧାନ କରିବା ପାଇଁ ...............ଦିଆଯାଇଥାଏ ।

(କ) ଶବ୍ଦ (ଖ) ଯନ୍ତା (Catch)

ଟିପ୍ପଣୀ

(ଗ) ଅଚଳ (Dead - end) (ଘ) ପେଚ କଷିବା

୪) ମନସ୍ତତ୍ତ୍ୱବିତ୍ ୧୯୫୦ ମସିହାରେ ସୃଜନଶୀଳତା ସମ୍ବନ୍ଧରେ ପ୍ରଥମେ ମତପୋଷଣ କରିଥିଲେ ?

(କ) କ୍ରପ୍‌ଲେ (Croply) (ଖ) ଗରେନ୍‌ସ୍ (Grenace)

(ଗ) ଗିଲ୍‌ଫର୍ଡ (Grilford) (ଘ) ଖାତେନା (Khatena)

୫) ଯେଉଁ ଶିକ୍ଷକ ଶିକ୍ଷାର୍ଥୀମାନଙ୍କର ସୃଜନଶୀଳତା ବିକାଶ କରିବା ପାଇଁ ଚାହୁଁଥିବେ ସେ କେଉଁ କୌଶଳ ଅବଲମ୍ବନ କରିବା ଉଚିତ୍ ।

(କ) ତର୍କଭିତ୍ତିକ ଚିନ୍ତାଶକ୍ତି (ଖ) କଳ୍ପନା ଶକ୍ତି

(ଗ) ଅବରୋହାନୁମାନିକ ଚିନ୍ତାଶକ୍ତି (ଘ) ଆରୋହାନୁମାନିକ ଚିନ୍ତାଶକ୍ତି ।

## ୬.୭ ସୃଜନଶୀଳତାର ମୂଲ୍ୟ ନିର୍ଦ୍ଧାରଣ :

ସୃଜନଶୀଳତାର ମୂଲ୍ୟ ନିର୍ଦ୍ଧାରଣ କ୍ଷେତ୍ରରେ ଗିଲ୍‌ଫର୍ଡ ଓ ଟରେନ୍‌ସଙ୍କ ଅବଦାନ ଅତୁଳନୀୟ । ସେ କହିଛନ୍ତି ଯେ ଜଣେ ସୃଜନଶୀଳ ବ୍ୟକ୍ତି ପାଖରେ ନିମ୍ନଲିଖିତ ଗୁଣାବଳୀଗୁଡିକ ଦେଖାଯାଏ । ଯଥା -

୧) **ବାକ୍‌ପଟୁତା** : ସୃଜନଶୀଳ ବ୍ୟକ୍ତିବିଶେଷଙ୍କଠାରେ କଥାକହିବାର ମାଧୁର୍ଯ୍ୟ ଥାଏ ।

୨) **ନମନୀୟତା** : ସେମାନେ କୌଣସି ଏକ ନିର୍ଦ୍ଦିଷ୍ଟ ଦିଗରେ ଚିନ୍ତା ନକରି ନମନୀୟ ଢଙ୍ଗରେ ସମସ୍ୟାର ସମାଧାନ କାଢନ୍ତି ।

୩) **ମୌଳିକତା** : ସେମାନେ ଯେ କୌଣସି ଗୋଟିଏ ବିଷୟକୁ ସ୍ୱତନ୍ତ୍ର ଭାବରେ ଓ ଚତୁରତାର ସହିତ ଚିନ୍ତା କରିଥାନ୍ତି ।

୪) **କୌତୁହଳୀ** : କୌତହଳ ଭାବରେ ଅନେକ ପ୍ରଶ୍ନ ପଚାରିଥାଏ ।

୫) **ଧୈର୍ଯ୍ୟବାନ୍** : ସୃଜନଶୀଳ ବ୍ୟକ୍ତି ସ୍ଥିର ଚିତ୍ତରେ ଓ ଧୈର୍ଯ୍ୟ ସହକାରେ ସମସ୍ୟାଟିକୁ ସମାଧାନ କରିଥାଏ ।

୬) **ବ୍ୟାଖ୍ୟାକରଣ** : ସୃଜନଶୀଳ ବ୍ୟକ୍ତି କୌଣସି ଏକ କାର୍ଯ୍ୟରେ କିଛି ନୂତନତା ଯୋଗ କରି ଏହାକୁ ବ୍ୟାଖ୍ୟା କରିପାରେ ।

୭) **ସମସ୍ୟା ପ୍ରତି ସମ୍ବେଦନଶୀଳ ଓ ଦାୟିତ୍ୱ ଗ୍ରହଣ ପ୍ରୟାସୀ:** ସାଧାରଣ ଭାବରେ ସମସ୍ୟା ପ୍ରତି ସମ୍ବେଦନଶୀଳ ହେଉଛି ନାରୀମାନଙ୍କର ଏକ ଲକ୍ଷଣ ହୋଇଥିଲାବେଳେ ଦାୟିତ୍ୱ ଗ୍ରହଣ ପ୍ରୟାସୀ ହେଉଛି ଏକ ପୁରୁଷ ସୁଲଭ ଗୁଣ । ଜଣେ ସୃଜନଶୀଳ ବ୍ୟକ୍ତି ପାଖରେ ଏହି ଉଭୟଗୁଣ ଦେଖାଯାଇଥାଏ ।

ଏହି ଉପରଲିଖିତ ଗୁଣାବଳୀଗୁଡିକୁ ଏକତ୍ରିତ କଲେ ଜଣେ ସୃଜନଶୀଳ ବ୍ୟକ୍ତିର ଗୁଣାବଳୀ ହୋଇପାରିବ । ତେଣୁ ଉପରଲିଖିତ ଗୁଣାବଳୀଗୁଡିକୁ ମୂଲ୍ୟାୟନ କରିବା ଆଧାରରେ ବିଭିନ୍ନ ପ୍ରକାର ମୂଲ୍ୟାୟନ ଉପକରଣ ଓ ମୂଲ୍ୟାୟନ କୌଶଳ ମାଧ୍ୟମରେ ସୃଜନଶୀଳତାକୁ ମୂଲ୍ୟାୟନ କରିହେବ । ଜଣେ ଦକ୍ଷ ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ମଧ୍ୟ ସୃଜନଶୀଳ ବ୍ୟକ୍ତିତ୍ୱ ମୂଲ୍ୟାୟନ କରାଯାଇପାରେ ।

ଟିପ୍ପଣୀ

**ପରୀକ୍ଷଣ କୌଶଳ :**

ଟରେନ୍ସ ସୃଜନଶୀଳ ଚିନ୍ତନ ପରୀକ୍ଷଣ ଓ ଗିଲ୍‌ଫୋର୍ଡଙ୍କ ବୁଦ୍ଧି ଗଠନର ନମୁନା ପରୀକ୍ଷଣ ଦ୍ୱାରା ସୃଜନଶୀଳତାକୁ ମୂଲ୍ୟାୟନ କରାଯାଇପାରିବ । ଭାରତ ବର୍ଷରେ ବକର ମେହେଦୀ ଓ ବି.କେ.ପାଶୀଙ୍କ ଦ୍ୱାରା ପ୍ରସ୍ତୁତ ସୃଜନଶୀଳ ପରୀକ୍ଷଣ ମାଧ୍ୟମରେ ସୃଜନଶୀଳତାକୁ ମୂଲ୍ୟାୟନ କରାଯାଇଥାଏ । ଏଠାରେ ପ୍ରଫେସର୍ ପାଶୀଙ୍କ ଦ୍ୱାରା ପ୍ରଦତ୍ତ ପରୀକ୍ଷଣର କେତୋଟି ଉପପରୀକ୍ଷଣ ନିମ୍ନରେ ପ୍ରଦତ୍ତ କରାଗଲା -

କ) **ସମସ୍ୟାକୁ ଦେଖିବା ପରୀକ୍ଷଣ (Seeing Problems Test)** : ଏହି ପରୀକ୍ଷଣରେ ୪ଟି ପ୍ରଶ୍ନ ଥାଏ ଓ ଶିକ୍ଷାର୍ଥୀମାନଙ୍କୁ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁର ତ୍ରୁଟି ଓ ସମସ୍ୟାକୁ ଲେଖିବା ପାଇଁ କୁହାଯାଇଥାଏ । ଉଦାହରଣ ସ୍ୱରୂପ - ପୋଷ୍ଟକାର୍ଡ, ଚପଲ, ଠାକୁର ଘର ଇତ୍ୟାଦିର ତ୍ରୁଟି ଓ ସମସ୍ୟାଗୁଡ଼ିକ ଲେଖ ।

ଖ) **ଅସାଧାରଣ ବ୍ୟବହାର ପରୀକ୍ଷଣ (Unusual uses test)** : ଏହି ପରୀକ୍ଷଣରେ ୨ଟି ପ୍ରଶ୍ନ ଥାଏ । ଏଠାରେ ଶିକ୍ଷାର୍ଥୀମାନଙ୍କୁ କୌଣସି ବସ୍ତୁର ସାଧାରଣ ଓ ଅସାଧାରଣ ବ୍ୟବହାରଗୁଡ଼ିକୁ ଲେଖିବା ପାଇଁ କୁହାଯାଇଥାଏ । ଉଦାହରଣ ସ୍ୱରୂପ - ଲୁଗା, ବୋତଲ ଇତ୍ୟାଦିର ସାଧାରଣ ଓ ଅସାଧାରଣ ବ୍ୟବହାର ଲେଖ ।

ଗ) **କାର୍ଯ୍ୟର ଫଳାଫଳ ପରୀକ୍ଷଣ (Consequences test)** : ଏହି ପ୍ରକାର ପରୀକ୍ଷଣରେ ଶିକ୍ଷାର୍ଥୀମାନଙ୍କୁ କୌଣସି ଏକ ଘଟଣାର ଫଳାଫଳ କ'ଣ ହେବ ବୋଲି ପଚରାଯାଇଥାଏ । ଉଦାହରଣସ୍ୱରୂପ - ୧) ଧରାଯାଉ ସମସ୍ତ ଲୋକ ପାଗଳ ହୋଇଯିବେ, ୨) ଧରାଯାଉ ସମସ୍ତ ମହିଳା ପୁରୁଷ ହୋଇଯିବେ ଇତ୍ୟାଦି ।

ଘ) **ଜିଜ୍ଞାସା ପରୀକ୍ଷଣ (Inquisitiveness test)** : ଏହି ପରୀକ୍ଷଣରେ ସଙ୍ଗୀତରେ ବ୍ୟବହାର କରାଯାଉଥିବା ତାଳସୂଚକ ମନ୍ତ୍ରକୁ ନେଇ ପ୍ରଶ୍ନ ତିଆରି କରିବା ପାଇଁ କୁହାଯାଇଥାଏ ।

ଙ) **ଧୈର୍ଯ୍ୟ ପରୀକ୍ଷଣ (Peristency test)** : ଏହି ପରୀକ୍ଷଣରେ ଶିକ୍ଷାର୍ଥୀମାନଙ୍କୁ କେତେକ ଘନ, ଅର୍ଦ୍ଧଘନଓ ଘନାକୃତି ବିଶିଷ୍ଟ ବସ୍ତୁ ଦିଆଯାଇଥାଏ ଏବଂ ଏହି ବସ୍ତୁଗୁଡ଼ିକ ମଧ୍ୟରୁ ବିଭିନ୍ନ ଆକାରର ବସ୍ତୁ ସୃଷ୍ଟି କରିବାକୁ ସେମାନଙ୍କୁ କୁହାଯାଇଥାଏ ।

ଚ) **ବ୍ୟାଖ୍ୟାକରଣ ପରୀକ୍ଷଣ (Elaboration test)** : ଏଠାରେ ଶିକ୍ଷାର୍ଥୀମାନଙ୍କୁ ଅସଂପୂର୍ଣ୍ଣ ଚିତ୍ର ଦିଆଯାଇଥାଏ ଓ ଏହାକୁ ପୁରାକରିବାକୁ ସେମାନଙ୍କୁ କୁହାଯାଇଥାଏ ।

ଉପରୋକ୍ତ ପରୀକ୍ଷଣଗୁଡ଼ିକ ବ୍ୟତୀତ ଟରନ୍ସ ଓ ଗିଲ୍‌ଫୋର୍ଡଙ୍କ ଗବେଷଣା ଆଧାରରେ ଆହୁରି ମଧ୍ୟ ଅନେକଗୁଡ଼ିଏ ପରୀକ୍ଷଣ ସୃଷ୍ଟି ହୋଇଅଛି ।

ନିଜକୁ ନିଜେ ପରଖିବା - ୪

୧) ଯଦି ଜଣେ ଶିକ୍ଷାର୍ଥୀ ଗୋଟିଏ ପ୍ରଶ୍ନର ବହୁ ଉତ୍ତର ଚିନ୍ତା କରିପାରୁଛି ତେବେ, ଏହାକୁ ................କୁହାଯିବ ।

(କ) ବାକ୍‌ପଟୁତା (ଖ) ନମନୀୟତା

(ଗ) ମୌଳିକତା (ଘ) ଦୃଢତା

ଟିପ୍ପଣୀ

୨) ଏକ ଚତୁର, ନୂତନତ୍ୱ ଓ ଅସାଧରଣ ପ୍ରତିକ୍ରିୟାକୁ ...........କୁହାଯାଏ ।

(କ) ବାକ୍‌ପଟୁତା (ଖ) ନମନୀୟତା

(ଗ) ମୌଳିକତା (ଘ) ଦୃଢତା

୩) କେଉଁ ଗବେଷକମାନେ ପ୍ରଥମେ ସୃଜନଶୀଳତାର ପରୀକ୍ଷଣ ପଦ୍ଧତି ସୃଷ୍ଟି କିରଥିଲେ ?

(କ) ଗିଲ୍‌ଫର୍ଡ ଓ ଟରମେନ (ଖ) ଟରେନ୍‌ସ ଓ ଟର୍‌ମାନ୍

(ଗ) ଗିଲ୍‌ଫର୍ଡ ଓ କେଟେଲ୍ (ଘ) ଗିଲ୍‌ଫର୍ଡ ଓ ଟରେନ୍‌ସ୍

୪) ଯଦି ଜଣେ ଛାତ୍ର ଗୋଟିଏ ଠାକୁର ଘରର ସାତଟି ଦୋଷତ୍ରୁଟି ବାହାର କଲାବେଳେ ଅନ୍ୟ ଜଣେ ଛାତ୍ର ସେହି ଠାକୁରଘରର ତିନୋଟି ଦୋଷତ୍ରୁଟି ବାହାର କରିପାରୁଛି ତେବେ ଏହି ଗୁଣକୁ ..............କୁହାଯିବ ।

(କ) ବାକ୍‌ପଟୁତା (ଖ) ନମନୀୟତା

(ଗ) ମୌଳିକତା (ଘ) ଦୃଢତା

## ୬.୮ ସାରାଂଶ :

ସାଧାରଣ ଭାବରେ ଅଭିନବ ଚିନ୍ତାଧାରା ତଥା ନୂତନତ୍ୱ ସୃଷ୍ଟି କରିବାର ଦକ୍ଷତାକୁ ସୃଜନଶୀଳତା କୁହାଯାଏ । ଏହାର ଅର୍ଥ ଉଦାହରଣ ମାଧ୍ୟମରେ ଏହି ଏକକରେ ବ୍ୟାଖ୍ୟା କରାଯାଇଅଛି । ବିଭିନ୍ନ ପ୍ରକାର ପରୀକ୍ଷଣ ଦ୍ୱାରା ଶିକ୍ଷାର୍ଥୀଙ୍କର ସୃଜନଶୀଳତାକୁ ମୂଲ୍ୟାୟନ କରାଯାଇପାରିବ । ପ୍ରଫେସର ପାଶୀଙ୍କ ଦ୍ୱାରା ପ୍ରଦତ୍ତ କେତୋଟି ସୃଜନଶୀଳ ପରୀକ୍ଷଣ ହେଲା : (୧) ସମସ୍ୟାକୁ ଦେଖିବା ପରୀକ୍ଷଣ, (୨) ଅସାଧରଣ ବ୍ୟବହାର ପରୀକ୍ଷଣ, (୩) କାର୍ଯ୍ୟର ଫଳାଫଳ ପରୀକ୍ଷଣ, (୪) ଜିଜ୍ଞାସା ପରୀକ୍ଷଣ ଓ (୫) ଧୈର୍ଯ୍ୟ ପରୀକ୍ଷଣ ।

ସୃଜନଶୀଳ ଚିନ୍ତନ ଏକ ଧାରାବାହିକ ପ୍ରକ୍ରିୟା ଯାହା ଅନୁପ୍ରେରଣା ସହିତ ଅଙ୍ଗାଙ୍ଗୀଭାବେ ଜଡିତ । ସୃଜନଶୀଳତାର ପର୍ଯ୍ୟାୟ ବା ସୋପାନଗୁଡିକୁ ବୁଝିବା ପାଇଁ ଆର୍କମେଡିସଙ୍କ ଉଦାହରଣ ହେଉଛି ସର୍ବୋତ୍ତମ । ସୃଜନଶୀଳତାର ପାଞ୍ଚୋଟି ପର୍ଯ୍ୟାୟ ଅଛି ଯଥା :- ପ୍ରସ୍ତୁତି, ଏକାଗ୍ରତା, ଅନ୍ତଃପ୍ରେରଣା, ଉଦ୍ଭାସନ ଓ ସମୀକ୍ଷଣ ।

ସୃଜନଶୀଳତାକୁ ପ୍ରଭାବିତ କରୁଥିବା କାରକ ଗୁଡିକ ମଧ୍ୟରୁ ବଂଶାନୁକ୍ରମ ଓ ପରିବେଶର b ìcKû @Zý« MêêZß%ô GZ\ þôÜc^É□ßZþ ŵ^ PŵeÙò KeK ~ŷ ûKê ₽'s ନାମରେ ନାମିତ କରିଛନ୍ତି ସେଗୁଡିକ ହେଲା:(କ) ସୃଜନଶୀଳତା ଆଧାରରେ ଉତ୍ପାଦିତ ବସ୍ତୁର ମୂଲ୍ୟାୟନ, (ଖ) ସୃଜନଶୀଳ ପ୍ରକ୍ରିୟା, (ଗ) ସୃଜନଶୀଳ ବ୍ୟକ୍ତିତ୍ୱ ଓ (ଘ) ସୃଜନଶୀଳ ଅବସ୍ଥିତି । ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରକାରର ଶିକ୍ଷଣ କାର୍ଯ୍ୟକ୍ରମ ଓ ଉପାୟମାନ ଏଠାରେ ଆଲୋଚନା କରାଯାଇଅଛି । ସେହିପରି ଭାବରେ ସୃଜନଶୀଳତାର ବିକାଶ ନିମନ୍ତେ ଶିକ୍ଷଣ ଉପକରଣର ପ୍ରସ୍ତୁତି ପାଇଁ କେତେକ ସୂଚନା ଦିଆଯାଇଅଛି ।

## ୬.୯ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର :

ଟିପ୍ପଣୀ

**ନିଜ ଅଗ୍ରଗତି ଆକଳନ - ୧**

୧. କ

୨. ଖ

୩. ଗ

**ନିଜ ଅଗ୍ରଗତି ଆକଳନ - ୨**

୧. କ

୨. ଖ

୩. ଘ

୪. ଗ

**ନିଜ ଅଗ୍ରଗତି ଆକଳନ - ୩**

୧. ଗ

୨. କ

୩. ଖ

୪. ଗ

୫. ଘ

୬. ଖ

**ନିଜ ଅଗ୍ରଗତିକୁ ଆକଳନ - ୪**

୧. ଖ

୨. ଗ

୩. ଘ

୪. କ

**ପାଠାନ୍ତ ପ୍ରଶ୍ନାବଳୀର ଉତ୍ତର :**

୧. ସୃଜନଶୀଳ ବ୍ୟକ୍ତିର ଗୁଣାବଳୀଗୁଡ଼ିକ ହେଲା : ପ୍ରଭାବଶାଳୀ, ଆତ୍ମବିଶ୍ୱାସୀ, ସ୍ପଷ୍ଟବାଦୀ, ସୁବକ୍ତା, ଉଗ୍ର, ଆତ୍ମକୈନ୍ଦ୍ରିକ, ପ୍ରବର୍ତ୍ତକ, ସ୍ୱାଧୀନଚିନ୍ତା, ନୂତନତା, ମୌଳିକତା, ଦୁଃସାହସିକ ମନୋବୃତ୍ତି ସଂପନ୍ନ, ସମସ୍ୟାପ୍ରତି ସମ୍ବେଦନଶୀଳ ଇତ୍ୟାଦି ।

୨. ପାର୍ଶ୍ୱିକ ଚିନ୍ତନଶକ୍ତିର ବିକାଶ ନିମନ୍ତେ ଦିଆଯାଉଥିବା ପ୍ରଶ୍ନର ପ୍ରକାରଗୁଡ଼ିକ ହେଲା : କାହିଁକି ପ୍ରକାରର ପ୍ରଶ୍ନ, ତା'ପରେ ଥିବା ପ୍ରଶ୍ନ ଏବଂ ଆହ୍ୱାନମୂଳକ ପ୍ରଶ୍ନ ।

୩. ନୂତନ ଧାରଣା ଉପଲବ୍ଧି ସୋପାନରେ ନିୟମଗୁଡ଼ିକ ହେଲା :-

ଟିପ୍ପଣୀ

(କ) କୌଣସି କାର୍ଯ୍ୟରେ ଶିକ୍ଷାର୍ଥୀଙ୍କୁ ସ୍ୱାଧିନଭାବରେ ନିମଜ୍ଜିତ କରିବା ।

(ଖ) ସମାଲୋଚନା ନକରିବା ।

(ଗ) କାର୍ଯ୍ୟର ଗୁଣବତ୍ତା ଉପରେ ଗୁରୁତ୍ୱ ଦେବା ।

(ଘ) ରାସ୍ତାରେ ଠିଆହେବା ପାଇଁ ଅନୁମତି ଦେବା ।

୪. ସୃଜନଶୀଳ ଚିନ୍ତନଶକ୍ତି ବିକାଶରେ ସହାୟକ ହେଉଥିବା ବିଭିନ୍ନ ପ୍ରକାରର ପ୍ରଶ୍ନଗୁଡିକ ହେଲା:

ପୁନଃ ବ୍ୟାଖ୍ୟାକାରୀ ପ୍ରଶ୍ନ, ଫଳାଫଳ ଭିତ୍ତିକ ପ୍ରଶ୍ନ, କାଳ୍ପନିକ ପ୍ରଶ୍ନ, ଚିନ୍ତାଉଦ୍ରେକକାରୀ ପ୍ରଶ୍ନ, ବହୁମୁଖୀ ପ୍ରଶ୍ନ, ଉଦ୍ଦୀପକ ଥିବା ପ୍ରଶ୍ନ ଇତ୍ୟାଦି ।

## ୬.୧୦ ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ :


- Baker, Samn, S. (1962). Your key to creative thinking. New York : Harper and Row publisher.
- Bhaskara, S. (1990). The effective of instructional materials on verbal creativity. New Delhi: Uppal publishing House.
- De, Bono. (1970). Lateral thinking: A text book of creativity. London: World lock Educational Ltd.
- Guilford, J.P. (1967). The nature of Human Intelligence. New York: Mc Graw Hills
- Guilford, J.P (1970). Traits of creativity in vernon. P.E (Ed) Creativity England: penguin modern psychology readings.
- Passi, B.K (1979) Passi test of creativity (verbal and nonverbal). National psychological corporation, Agra.
- Torrance, E.P (1962). Guiding creative talent. printice Hall, England.
- Williams, F.E, (Ed), (1970), classroom Ideas for Encouraging thinking and feeling. Dok, publisher, Buffalo, New york.


## ୬.୧୧ ପାଠାନ୍ତ ପ୍ରଶ୍ନାବଳୀ

୧. ସୃଜନଶୀଳ ବ୍ୟକ୍ତିର ଗୁଣାବଳୀ ଗୁଡିକର ଏକ ତାଲିକା ପ୍ରସ୍ତୁତ କର ।

୨. ପାର୍ଶ୍ୱିକ ଚିନ୍ତନ ଶକ୍ତିର ବିକାଶ ନିମନ୍ତେ ବ୍ୟବହୃତ ହେଉଥିବା ତିନି ପ୍ରକାର ପ୍ରଶ୍ନର ନାମ ଲେଖ ।

୩. ନୂତନ ଧାରଣା ଉପଲବ୍ଧ ସୋପାନର ନିୟମ ଗୁଡିକ ଲେଖ ।

୪. ସୃଜନଶୀଳ ଚିନ୍ତନ ଶକ୍ତି ବିକାଶରେ ସହାୟକ ହେଉଥିବା ବିଭିନ୍ନ ପ୍ରକାର ପ୍ରଶ୍ନର ଏକ ତାଲିକା ପ୍ରସ୍ତୁତ କର ।

୫. ତୁମ ପାଇଁ କାମ



ଟିପ୍ପଣୀ

(କ) ତୁମ ସହରାଞ୍ଚଳରେ ପ୍ରଚଳିତ ହେଉଥିବା କିଛି ପ୍ରହେଳିକା ସଂଗ୍ରହକର ଓ ସେଗୁଡିକୁ ତୁମ ଶ୍ରେଣୀଗୃହରେ ଶିକ୍ଷଣ ଉପକରଣ ଭାବରେ ବ୍ୟବହାର କର ।

(ଖ) ଗୋଟିଏ ଛୋଟ ଅସଂପୂର୍ଣ୍ଣ ଗଳ୍ପ ଲେଖି ତାହାକୁ ରୋକଡିଂ କର ଓ ଶ୍ରେଣୀ ଗୃହରେ ଛାତ୍ରଛାତ୍ରୀମାନଙ୍କୁ କ୍ୟାସେଟ୍ ବଜାଇ ଶୁଣାଅ । ତତ୍‌ପରେ, ଏହି ଗଳ୍ପକୁ ସଂପୂର୍ଣ୍ଣ କରିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦିଅ ଓ କିପରି ଏହା ସୃଜନଶୀଳ ଶକ୍ତି ବିକାଶରେ ସହାୟକ ହେଉଛି ପର୍ଯ୍ୟବେକ୍ଷଣ କର ।

(ଗ) ଚକଲଗା ଚେୟାରରେ କ'ଣ ହୋଇପାରିବ ଛାତ୍ରଛାତ୍ରୀମାନଙ୍କୁ ଚିନ୍ତାକରିବାକୁ କୁହ । ତତ୍‌ପରେ ଛାତ୍ରଛାତ୍ରୀଙ୍କ ଉତ୍ତରକୁ ବିଶ୍ଳେଷଣ କର ।